# ସମାଜ ସୁଧାର କରିବାର ଉତ୍ତମ ପନ୍ଥା ଏବଂ ଇସ୍‌ଲାହୀ କମିଟିର ଦାୟିତ୍ୱ

Islah-e-Muashira ke Tareeq
aur
Islahi Committee ki Zimmedariyan

ପ୍ରକାଶକ:
ମର୍କଜୀ ଇସ୍ଲାହୀ କମିଟି, ଭାରତ

# ସମାଜ ସୁଧାର କରିବାର ଉତ୍ତମ ପନ୍ଥା ଏବଂ ଇସ୍‌ଲାହୀ କମିଟିର ଦାୟିତ୍ୱ

## (ଇସଲାହ୍-ଏ-ମୁଶିରାଃ କେ ତରିକ୍ ଅଓ୍ୱର ଇସଲାହୀ କମିଟି କି ଜିମାଦାରୀୟାଁ)

ପ୍ରକାଶକ:

**ମର୍କଜୀ ଇସାଲହୀ କମିଟି, ଭାରତ**

**ସମାଜ ସୁଧାର କରିବାର ଉତ୍ତମ ପନ୍ଥା ଏବଂ ଇସ୍‌ଲାହୀ କମିଟିର ଦାୟିତ୍ୱ**

ମୂଳ ଉର୍ଦ୍ଦୁ : **ଇସଲାହ୍-ଏ-ମୁଶିରାଃ କେ ତରିକ୍ ଅଓ୍ୱର ଇସଲାହୀ କମିଟି କି ଜିମାଦାରୀୟାଁ**

ସଙ୍କଳନ : ମର୍କଜୀ ଇସାଲହୀ କମିଟି, ଭାରତ

ଓଡ଼ିଆ ରୂପାନ୍ତର: ମୌ. ଦବିରୁଲ୍ ହକ୍ ଖାନ୍

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍‌ପୁର, ପଞ୍ଜାବ (ଭାରତ)- ୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୫, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୫୦୦)

**SAMAJA SUDHAR KARIBARA UTAMA PANTHA ABAION ISLAHI KAMITIRA DAYITWA**

*Compiled by* : **Markazi Islahi Committee, India**

*Translated to Odia* : **Mlv. Dabirul Haq Khan**, Missonary

*Published by* : NAZARAT NASHR-O-ISHA'AT, Qadian Dist.Gurdaspur, Punjab (India) - 143516

*Year of Publication* : 2025, First Edition in Odia (500 copies)

*Printed at* : Fazle Umar Printing Press, Qadian (India)

*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*

**ISBN:**

بِسْمِ اللّٰهِ الرَّحْمٰنِ الرَّحِيْمِ
نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ

# ଜରୁରୀ ନିବେଦନ

ମନେରଖନ୍ତୁ ଯେ, ଆମ୍ଭକୁ ଅଘଟଣ ଘଟିବା ପୂର୍ବରୁ ତାହାକୁ ଅବରୋଧ କରିବାର ଅଛି । ଏଥିନିମନ୍ତେ ବିଧିବଦ୍ଧ ଭାବରେ ଯୋଜନା ପ୍ରସ୍ତୁତ କରିବା ଜରୁରୀ । ପ୍ରତ୍ୟେକ ମନ୍ଦ (ଅଶୋଭନୀୟ) କିମ୍ବା ବ୍ୟାଧି ଯାହା ଉତ୍ପନ୍ନ ହେବାର ଭୟ ଅବା ଆଶଙ୍କା ରହିଥାଏ, ତାହାର ନିରାକରଣ ଓ ଉପଚାର ନିମନ୍ତେ ସମସ୍ତ ସମ୍ଭାବ୍ୟ ସମାଧାନ ମୂଳକ ପରାମର୍ଶ ଦେବା ଇସ୍‌ଲାହୀ (ସୁଧାର) କମିଟିର ପରମ କର୍ତ୍ତବ୍ୟ ।

ଯେହେତୁ ଏହା ଶିକ୍ଷା ଏବଂ ତତ୍ତ୍ୱାବଧାନ ସମ୍ବନ୍ଧିୟ କାର୍ଯ୍ୟ, ତେଣୁ ସହାନୁଭୂତି, ପ୍ରେମ, ଅନୁରାଗ, ଓ ପ୍ରାର୍ଥନା ଦ୍ୱାରା ସୁଧାର କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରନ୍ତୁ । ଯଦି କୌଣସି ସ୍ଥାନରେ ଚେଷ୍ଟା କରିବା ସତ୍ତ୍ୱେ ସହଯୋଗ ନମିଳେ ତେବେ କେନ୍ଦ୍ରକୁ ସୂଚିତ କରନ୍ତୁ । ଆଉ କମିଟିରେ ଆଲୋଚ୍ୟ ପ୍ରତ୍ୟେକ ପ୍ରସଙ୍ଗ ସଦସ୍ୟମାନଙ୍କ ନିକଟରେ ଜମାଅତର ଅମାନତ୍ । ବାହାରେ ସେଗୁଡ଼ିକର ଆଲୋଚନା କରିବା ଆଦୌଁ ନ୍ୟାୟସଙ୍ଗତ ନୁହେଁ ।

* * *  * * *  * * *  * * *

## ଇସ୍‌ଲାହୀ କମିଟିର କାର୍ଯ୍ୟଶୈଳୀ-

ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ର.ଅ.ଙ୍କର ମହତ୍ୱପୂର୍ଣ୍ଣ ଉପଦେଶାବଳୀ-

ମୁଁ ଏକ ଇସ୍‌ଲାହୀ (ସୁଧାର) କମିଟି ଗଠନ କରିଥିଲି ଏବଂ ରାଷ୍ଟ୍ରୀୟ ସ୍ତରରେ ଦେଶଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଥିଲି ଯେ, ଆପଣମାନେ ଇସ୍‌ଲାହୀ କମିଟି ଗଠନ କରନ୍ତୁ ଏବଂ କେତେକ ଅଶ୍ଳୀଳ ଓ ମନ୍ଦ କାର୍ଯ୍ୟକଳାପ ଗୁଡ଼ିକୁ ଚିହ୍ନଟ କରନ୍ତୁ ତଥା ସେଗୁଡ଼ିକ ମାରାତ୍ମକ ରୂପ ଧାରଣ କରିନେବ ପୂର୍ବରୁ ତାହାର ସଂଶୋଧନ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ । ଏବଂ ନୈତିକ ସ୍ତରରେ ବ୍ୟାଧିଗ୍ରସ୍ତ ନିଜ (ଲୋକମାନଙ୍କୁ) ସୁସ୍ଥ କରିବା ପାଇଁ ଉଦ୍ୟମ କରନ୍ତୁ... ମୁଁ ଯେଉଁ (ମହତ୍ୱପୂର୍ଣ୍ଣ) ଉପଦେଶ ଦେଇଥିଲି ତାହା ଏହା ଥିଲା ଯେ, ଇସ୍‌ଲାହୀ କମିଟି ବିଜ୍ଞ ଓ ଅଭିଜ୍ଞ ତଥା ସମ୍ବେଦନଶୀଳ ବ୍ୟକ୍ତିମାନଙ୍କୁ ନେଇ ଗଠନ କରାଯିବା ଉଚିତ୍ । ସେମାନେ ଅପକର୍ମଗୁଡ଼ିକର ଦୁର୍ଗନ୍ଧକୁ ଚିହ୍ନଟ କରିବେ ଯେ, କେଉଁ କେଉଁ ଠାରେ ତାହା ବିଦ୍ୟମାନ ଅର୍ଥାତ୍ ନିଜର କାୟା ବିସ୍ତାର କରୁଅଛି ଏବଂ ଦୃଶ୍ୟମାନ ହେଉ ନଥିଲେ ସୁଦ୍ଧା ସେମାନଙ୍କର ଘ୍ରାଣଶକ୍ତି ସେମାନଙ୍କୁ ଜଣାଇ ଦେବ ଯେ, କୌଣସି ସ୍ଥାନରେ କିଛି ବିପଦ ରହିଛି । ପୁଣି ସେଗୁଡ଼ିକ ଅବଶ୍ୟମ୍ଭାବୀ ମହାମାରୀ ହୋଇ (ମୁଣ୍ଡ ଟେକିବା) ପୂର୍ବରୁ (ତାହାକୁ) ଦୂର କରନ୍ତୁ । ଯଦି ଆପଣମାନେ ଏହି ଅପେକ୍ଷାରେ ରହିଥିବେ ଯେ କୌଣସି ସ୍ଥାନରେ ବିବାଦ ସୃଷ୍ଟି ହେଉ, କୌଣସି ବିଶୃଙ୍ଖଳା ଓ ଦଙ୍ଗା ସୃଷ୍ଟି ହେଉ, ହତ୍ୟା ଓ ଡ଼କାୟତି ହେଉ ତା’ପରେ ଇସ୍‌ଲାହୀ (ସୁଧାର) କମିଟି ସକ୍ରିୟ ହେବ ତେବେ ତାହା ଇସ୍‌ଲାହୀ କମିଟି ନୁହେଁ, ବରଂ ତାହା ତ ଏକ ପୋଲିସ୍ (ପ୍ରତିରକ୍ଷା) ସଂଘ ପାଲଟି ଯିବ । କେବଳ ଗୋଟିଏ କେନ୍ଦ୍ରୀୟ ଇସ୍‌ଲାହୀ କମିଟି ନୁହେଁ, ବରଂ ଆଞ୍ଚଳିକ

ସ୍ତରରେ ବଡ଼, ଛୋଟ ସହରମାନଙ୍କରେ ମଧ୍ୟ ଏପରି ସମ୍ବେଦନଶୀଳ ଇସ୍‌ଲାହୀ କମିଟିଗୁଡ଼ିକ ଗଠିତ ହେବା ଆବଶ୍ୟକ । ଯେଉଁମାନେ ସମସ୍ତ ପ୍ରକାରର ମନ୍ଦକର୍ମଗୁଡ଼ିକ ଉପରେ ଏପରି ନଜର ରଖିବେ ଯେ, ସମ୍ପ୍ରତି ମନ୍ଦକର୍ମଗୁଡ଼ିକ ସାଧାରଣ ବ୍ୟକ୍ତିଙ୍କୁ ଦୃଶ୍ୟମାନ ହୋଇ ନଥିବ । ଆପଣମାନେ (ସାମାନ୍ୟ) ଆଭାଷ ଦ୍ୱାରା ଜାଣି ନେବେ ଯେ କେଉଁ କେଉଁ ମହାମାରୀଗୁଡ଼ିକ ବ୍ୟାପିବା, ବ୍ୟାପିବାର ସମ୍ଭାବନା ରହିଛି ଏବଂ ସେଗୁଡ଼ିକର ନିରାକରଣ ନିମନ୍ତେ ଯେତେବେଳେ ଆପଣମାନଙ୍କୁ ଚେଷ୍ଟା କରିବାକୁ ପଡ଼ିବ ତେବେ ଏହା ଏକାକୀ ଇସ୍‌ଲାହୀ କମିଟିର କାର୍ଯ୍ୟ ନୁହେଁ । ଇସ୍‌ଲାହୀ କମିଟିର କାର୍ଯ୍ୟ ହେଉଛି (ଅବଶ୍ୟମ୍ଭାବୀ) ବିପତ୍ତିର ଅନୁଭବ କରିବା ଏବଂ ଜମାଅତକୁ ଏଥିପ୍ରତି ସଚେତନ କରିବା, ମଜଲିସ୍ ଆମିଲାରେ ସେହି ପ୍ରସଙ୍ଗଗୁଡ଼ିକ ଉପସ୍ଥାପନ କରିବା ପୁଣି ମଜଲିସ୍ ଆମିଲାକୁ ନିଜର ସାମୂହିକ ଦିଗ ଦୃଷ୍ଟିରୁ କେବଳ ଜଣେ ଅଧିକାରୀଙ୍କୁ ନୁହେଁ, ବରଂ କେତେକ ସମୟରେ ଦୁଇ/ତିନି/ଚାରି ଜଣ ଅଧିକାରୀଙ୍କୁ ସକ୍ରିୟ କରିବାକୁ ପଡ଼ିବ । କେତେକ ସ୍ଥାନରେ ଇସ୍‌ଲାହ ଓ ଇରଶାଦ୍ ସେକ୍ରେଟାରୀ (ସଚିବ)ଙ୍କର ମଧ୍ୟ ଭୂମିକା ରହିବ । କେଉଁ ସ୍ଥାନରେ କେତେକ ପରିସ୍ଥିତିରେ ଆପଣଙ୍କୁ ଅର୍ଥର ମଧ୍ୟ ଆବଶ୍ୟକତା ପଡ଼ିବ, କିଛି ପତ୍ରିକା ପ୍ରକାଶିତ କରିବାକୁ ହେବ ଏବଂ କେତେକ ସମୟରେ ଗସ୍ତ କରିବାକୁ ପଡ଼ିବ, ମୁରବିମାନଙ୍କ ବ୍ୟବସ୍ଥାକୁ ସକ୍ରିୟ କରାଇବାକୁ ପଡ଼ିବ । ବସ୍ତୁତଃ ଅନେକ ସମ୍ଭାବ୍ୟ ସମାଧାନ ରହିଛି, ଯାହା ପାଇଁ କେତେକ ସମୟରେ ମଜଲିସ୍ ଆମିଲା (କାର୍ଯ୍ୟନିର୍ବାହୀ କମିଟିରେ) ବିଚାର ବିମର୍ଷ କରିବାର ଆବଶ୍ୟକ ରହିଥାଏ । ତେଣୁ ଏପରି ସମସ୍ୟାଗୁଡ଼ିକୁ ମଜଲିସ୍ ଆମିଲାରେ ଉପସ୍ଥାପନ କରନ୍ତୁ ।

(ଖୁତ୍‌ବାତେ ତାହିର୍ ଗ୍ରନ୍ଥଖଣ୍ଡ ୧୩ ପୃ- ୩୩୯,୩୪୧)

"...କମିଟିର ଏହା କର୍ତ୍ତବ୍ୟ ଯେ, ଏଥିପ୍ରତି ଧ୍ୟାନ ରଖିବେ କି କେଉଁ ପରିବାରମାନଙ୍କରେ ଦୁର୍ବଳତାର ଲକ୍ଷଣ ପରିଲକ୍ଷିତ ହେଉଅଛି ।

କେଉଁମାନଙ୍କର ଝିଅମାନେ ବେପରୁଆ ହୋଇ ଚାଲିଛନ୍ତି, କେଉଁମାନଙ୍କର ପୁଅମାନେ ବାହ୍ୟଦେଶ ଆଡ଼କୁ ମୁହାଁଇଛନ୍ତି ଏବଂ ଜମାଅତ ପ୍ରତି ଆକର୍ଷିତ ହେବା ପରିବର୍ତ୍ତେ ସେମାନଙ୍କର ସମ୍ପର୍କ କ୍ରମଶଃ ବିଚ୍ଛିନ୍ନ ହୋଇ ଅନ୍ୟ ଲୋକଙ୍କ ସହିତ ପ୍ରେମାନୁରାଗ ବଢ଼ି ଚାଲିଛି, ସେହି ଲୋକମାନଙ୍କର (ଏପରି ଅବସ୍ଥା ପ୍ରତି) ଦୃଷ୍ଟି ରଖି ସେମାନଙ୍କୁ ପ୍ରେମ ଓ ଭଲପାଇବା ଦ୍ୱାରା ଫେରାଇ ଆଣିବା ଅତି ସହଜସାଧ୍ୟ, ଏହା ପୂର୍ବରୁ କି ଯେତେବେଳେ ମାମଲା ସୀମା ଲଙ୍ଘିଯିବ ଏବଂ ଦୁଷ୍କର୍ମଗୁଡ଼ିକ କାହା ଅନ୍ତର (ଅଭ୍ୟାସ)ରେ ମିଶ୍ରିତ ହୋଇଯାଉ । ସେତେବେଳେ ସେହି ଦୁଷ୍କର୍ମଗୁଡ଼ିକୁ ଶରୀରରୁ ରାମ୍ପୁଡ଼ି (ବଳପୂର୍ବକ) ବାହାରକୁ କାଢ଼ି ପିଙ୍ଗିବା ବହୁତ କଷ୍ଟସାଧ୍ୟ ବିଷୟ ହୋଇଥାଏ ।”

(ଖୁତ୍‌ବାତେ ତାହିର୍ ଗ୍ରନ୍ଥଖଣ୍ଡ ୧୧ ପୃ- ୩୧୦, ୩୧୧)

“ଏହା ଆକର୍ଷିତ (ଇସ୍‌ଲାହୀ କମିଟିଗୁଡ଼ି)କୁ କ୍ଷମତା ଓ ଅଧିକାର ରହିଛି ଯେ, ନିଜ ନିଜ ପରିସର ମଧ୍ୟରେ ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା, ମଜଲିସ୍ ଅନ୍‌ସାରୁଲ୍ଲାଃ ଏବଂ ଲଜ୍‌ନା ଇମାଇଲ୍ଲାଃ ଠାରୁ ସମ୍ପୂର୍ଣ୍ଣ ରୂପେ ଉପକୃତ ହୁଅନ୍ତୁ । ସେମାନେ ଯଦି ଉପଯୁକ୍ତ ମନେ କରନ୍ତି ତେବେ କେତେକ ମାମଲାକୁ ଖୁଦ୍ଦାମ୍‌ମାନଙ୍କ ଦ୍ୱାରା ସମାଧାନ କରନ୍ତୁ, କିଛି ମାମଲାର ଲଜ୍‌ନାମାନଙ୍କ ମାଧ୍ୟମରେ ପ୍ରତିକାର କରନ୍ତୁ । କେତେକ ସ୍ଥାନରେ ସମସ୍ତ ତିନି ବିଭାଗକୁ ଏକକାଳୀନ ଚେଷ୍ଟା କରିବାକୁ ପଡ଼ିବ । ଗୋଟିଏ କୁଟୁମ୍ବର ମାମଲା ହୋଇଥିଲେ ସେଠାରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଖୁଦ୍ଦାମ୍‌ମାନଙ୍କୁ, ଅନ୍‌ସାରମାନଙ୍କୁ ଏବଂ ଲଜ୍‌ନା ପ୍ରତ୍ୟେକଙ୍କୁ ସକ୍ରିୟ ହେବାକୁ ପଡ଼ିବ ।”

(ଖୁତ୍‌ବାତେ ତାହିର୍ ଗ୍ରନ୍ଥଖଣ୍ଡ ୧୧ ପୃ- ୩୧୧)

“ଆପଣମାନେ ଇସ୍‌ଲାହ ପାଇଁ ଚେଷ୍ଟା କରନ୍ତୁ । ପ୍ରଥମ ଆବଶ୍ୟକତା ନ୍ୟାୟ ଉପରେ ଅଟଳ ରୁହନ୍ତୁ, ତେବେଯାଇ ଆପଣଙ୍କ ଅନ୍ତରରେ

ସଂସ୍କାର ହେବାର ଦକ୍ଷତା ଉତ୍ପନ୍ନ ହେବ ଏବଂ ମୁସ୍‌ଲେହ୍ (ସଂସ୍କାରକ) ହୁଅନ୍ତୁ.. ଇସ୍‌ଲାହ୍ କରିବା ସମୟରେ ଉପଦ୍ରବ ବଢ଼ିବାର ଅପେକ୍ଷା କରନ୍ତୁ ନାହିଁ ବରଂ (ତାହାର) ଲକ୍ଷଣଗୁଡ଼ିକରୁ ଚିହ୍ନଟ କରନ୍ତୁ ଯେ କେଉଁ କେଉଁ ସ୍ଥାନରେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି ହେବାର ସମ୍ଭାବନା ରହିଛି । ସେହି ପରିବାରମାନଙ୍କ ନିକଟରେ ପହଞ୍ଚନ୍ତୁ, ସେହି ଯୁବପିଢ଼ିଙ୍କ ନିକଟରେ ପହଞ୍ଚନ୍ତୁ, ସେହି ଗୁରୁଜନମାନଙ୍କ ନିକଟରେ ପହଞ୍ଚନ୍ତୁ ଏବଂ ଏହା ପୂର୍ବରୁ କି ସେମାନଙ୍କ ପାଦ ଏତେ ଆଗକୁ ବଢ଼ିଯାଉ ଯେ, ଆପଣମାନେ କ୍ଷିପ୍ର ଗତିରେ ଅଗ୍ରସର ହେଲେ ମଧ୍ୟ ସେମାନଙ୍କୁ ଧରି ପାରିବ ନାହିଁ । ସେମାନଙ୍କ ନିକଟରେ ପହଞ୍ଚନ୍ତୁ ଏବଂ ପ୍ରେମ ଆଦର ସହକାରେ କୋଳାଗ୍ରତ କରି ସେମାନଙ୍କ ଫେରାଇ ଆଣନ୍ତୁ । ଏଥିସହିତ ଆପଣମାନେ ଅନ୍ୟ (ଅଣଅହେମଦି ମୁସଲମାନ)ମାନଙ୍କର ମଧ୍ୟ ଇସ୍‌ଲାହ ପ୍ରତି ଧ୍ୟାନ ଦିଅନ୍ତୁ ତେବେଯାଇ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କର ସେହି ପ୍ରତିଜ୍ଞା ଆପଣମାନଙ୍କ ସପକ୍ଷରେ ନିଶ୍ଚିତ ପୂରଣ ହେବ ଯେ, ଆପଣଙ୍କ ଉତ୍ତମ ପ୍ରଭାବ ଦ୍ୱାରା ଗୋଷ୍ଠୀମାନେ ରକ୍ଷା ପାଇବେ ।”

(ଖୁତ୍‌ବାତେ ତାହିର୍ ଗ୍ରନ୍ଥଖଣ୍ଡ ୧୧ ପୃ- ୩୧୪)

## ଜମାଅତ ଅହ୍ମେଦିୟାର୍ ପଞ୍ଚମ ଖଲିଫା ଅ.ବଙ୍କର୍ ବହୁମୂଲ୍ୟ ହିତୋପଦେଶ-

## ୪ସେପ୍ଟେମ୍ବର ୨୦୦୫ମସିହା: ଜମାଅତ ଅହେଦିୟା ଜର୍ମାନୀର ଜାତୀୟ ମଜଲିସ୍ ଆମିଲା ସହିତ (ହୁଜୁର ଅନଓ୍ୱର ଅ.ବଙ୍କ) ସାକ୍ଷାତ-

ମହାମହିମ ହୁଜୁର ଅନଓ୍ୱରଅ.ବ କହିଛନ୍ତି; ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ଯେ, କେଉଁ କେଉଁ କେନ୍ଦ୍ରରେ ନମାଜ ପାଠ କରିବାରେ ଦୁର୍ବଳତା ରହୁଛି କିମ୍ୱା ଯିଏ ପୂର୍ବରୁ ମସଜିଦ୍ ଆସୁଥିଲେ ଏବେ ଆସୁ ନାହାନ୍ତି । ତାଙ୍କର ପିଲାମାନେ ଆସୁ ନାହାନ୍ତି । ଏହାର କାରଣ କ'ଣ ? ସେଥିପାଇଁ ସଂଶୋଧନର କାର୍ଯ୍ୟ କରାନ୍ତୁ । ପୁଣି ଏହା ସମୀକ୍ଷା କରାଯାଉ କି ଇସ୍‌ଲାହ୍ (ସୁଧାର)ର କେଉଁ ପ୍ରଣାଳୀ ପରିକର କରାଯାଇଥିଲା, ଯଦି ସେଥିରେ ସଫଳତା ପ୍ରାପ୍ତ ହେଲା ନାହିଁ । ତେବେ ପୁଣି ଅଧିକ ଚିନ୍ତା କରନ୍ତୁ କି କିପରି ଇସ୍‌ଲାହ କରାଯାଇ ପାରିବ ।

ତରବିୟତ୍ (ପ୍ରଶିକ୍ଷଣ) ସଚିବଙ୍କୁ ପ୍ରିୟ ହୁଜୁର ଅନଓ୍ୱରଅ.ବ ପ୍ରଶ୍ନ କଲେ- କି କେତେଗୋଟି ଜମାଅତ ଆପଣଙ୍କୁ ଅଳସୁଆ ଲୋକମାନଙ୍କର ତାଲିକା ପ୍ରଦାନ କରିଛନ୍ତି ଏବଂ ଆପଣ ସେହି ତାଲିକାକୁ ମୁବଲ୍ଲିଗ୍‌ମାନଙ୍କୁ ପ୍ରଦାନ କରିଛନ୍ତି ? ହୁଜୁର ଅନଓ୍ୱରଅ.ବ କହିଲେ; ଯେତେବେଳେ (ଆପଣଙ୍କ ନିକଟରେ) ଏପରି ବ୍ୟକ୍ତିଙ୍କର ତାଲିକା ହିଁ ନାହିଁ ତେବେ ଆଗକୁ କାର୍ଯ୍ୟ କିପରି କରିବେ, କିପରି ସେମାନଙ୍କର ସୁଧାର କରିବେ । ପୁନଶ୍ଚ ହୁଜୁର ଅନଓ୍ୱରଅ.ବ ପ୍ରଶ୍ନ କଲେ- କି ଏହି ବିଷୟରେ ଇସ୍‌ଲାହୀ କମିଟି କ'ଣ କରୁଅଛି ? ହୁଜୁର ଅନଓ୍ୱରଅ.ବ କହିଲେ; ପ୍ରଥମେ ତାଲିକା ତିଆରି କରନ୍ତୁ ଏବଂ ପୁଣି ବ୍ୟକ୍ତିଗତ ଯୋଗାଯୋଗ ସ୍ଥାପନ କରି ସେମାନଙ୍କୁ ବୁଝାସୁଝା କରିବା ଦରକାର । ଅଧିକନ୍ତୁ କହିଲେ; ନିୟମିତ ଫଳାଫଳ ଆସିବା ଦରକାର ଯେ, କେତେଜଣଙ୍କ ବିଷୟରେ ଅଭିଯୋଗ ଥିଲା ଏବଂ କେତେଜଣଙ୍କର ଇସ୍‌ଲାହ୍ (ସୁଧାର) ହୋଇଅଛି

ତଥା ସେମାନଙ୍କର ସହଯୋଗ ମିଳୁଅଛି । ହୁଜୁର ଅନଓ୍ୱର[ଅ.ବ] କହିଲେ; ଚେଷ୍ଟା କରିବା ସତ୍ତ୍ୱେ ଯେଉଁମାନଙ୍କର ସହଯୋଗ ଲାଭ ହୋଇପାରିଲା ନାହିଁ ତେବେ ସେମାନଙ୍କର ତାଲିକା ମୋ ନିକଟକୁ ପ୍ରେରଣ କରନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୪ଅକ୍ଟୋବର ୨୦୦୫ମସିହା)

**ଦିନାଙ୍କ ୧୩ ସେପ୍ଟେମ୍ବର ୨୦୦୫ମସିହା: ସ୍ୱିଡ଼େନ୍‌ର ଜାତୀୟ ମଜଲିସ୍ ଆମିଲା ସହିତ (ହୁଜୁର ଅନଓ୍ୱର [ଅ.ବ]ଙ୍କ) ସାକ୍ଷାତ-**

ହୁଜୁର ଅନଓ୍ୱର[ଅ.ବ] କହିଲେ; ଆପଣ ନିଜ ଇସ୍‌ଲାହୀ କମିଟିକୁ ମଧ୍ୟ ସକ୍ରିୟ କରନ୍ତୁ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ସଂଶୋଧନର କାର୍ଯ୍ୟ ଅତି ବ୍ୟାପକ । କାହାର ସଂଶୋଧନ କରିବାରେ କଦାପି କ୍ଳାନ୍ତ ହୋଇପଡ଼ିବା ଉଚିତ୍ ନୁହେଁ । ବରଂ ଚାରି ହଜାର ଥର କହିବାକୁ ପଡ଼ିଲେ ମଧ୍ୟ (ତାଙ୍କୁ) କୁହନ୍ତୁ । ନା ଥକି ପଡ଼ିବାର ଅଛି, ନା ନିରାଶ ହେବାର ଅଛି । ନମ୍ରତାର ସହିତ (ଲୋକମାନଙ୍କୁ) ବୁଝାସୁଝା କରିଚାଲିବାର ଅଛି ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୮ଅକ୍ଟୋବର ୨୦୦୫ମସିହା)

**ଦିନାଙ୍କ ୯ଜୁନ୍ ୨୦୦୬ମସିହା: ଜର୍ମାନୀର ଜାତୀୟ ମଜଲିସ୍ ଆମିଲା ଲଜ୍‌ନା ଇମାଇଲ୍ଲାଃ ସହିତ (ହୁଜୁର ଅନଓ୍ୱର [ଅ.ବ]ଙ୍କ)ସାକ୍ଷାତ-**

ଗୋଟିଏ ପ୍ରଶ୍ନର ଉତ୍ତରରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଲଜ୍‌ନା ନିଜର ଗୋଟିଏ ଇସ୍‌ଲାହୀ କମିଟି ଗଠନ କରିପାରିବେ, ଯାହାର ସଦସ୍ୟ ଜାତୀୟ ସଦର୍ (ସଭାପତି) ଲଜ୍‌ନା, ସ୍ଥାନୀୟ ସଭାପତି, ଉପସଭାପତି, ତରବିୟତ୍ ସଚିବ, ବରିଷ୍ଠ ଲଜ୍‌ନା ସଦସ୍ୟବୃନ୍ଦ ହେବେ । କିନ୍ତୁ ଏହି କମିଟି କେବଳ ସେହି ମାମଲାଗୁଡ଼ିକୁ ପରିଚାଳିତ କରିପାରିବେ, ଯାହାର ସମ୍ପର୍କ ଲଜ୍‌ନାମାନଙ୍କ ସହିତ ରହିଛି । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; କେତେକ ସ୍ଥାନରେ ବାଳକମାନେ ମଧ୍ୟ ଜଡ଼ିତ ହୋଇ ଯାଆନ୍ତି, ଏପରି ମାମଲାଗୁଡ଼ିକ ଯାହା ବି ହେଉ କେନ୍ଦ୍ରୀୟ ଇସଲାହୀ କମିଟିରେ ପାରିତ ହେବ ।   (ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୭ଜୁଲାଇ ୨୦୦୬ ମସିହା)

**ଦିନାଙ୍କ ୫ ମେ ୨୦୦୮ ମସିହା: ଜାତୀୟ ମଜଲିସ୍ ଆମିଲା ନାଇଜେରିଆ ସହିତ ସାକ୍ଷାତ–**

ମହାମହିମ ହୁଜୁର ଅନୱ୍ୱର[ଅ.ବ] ଜାତୀୟ ତରବିୟତ୍ ସଚିବଙ୍କୁ କହିଲେ; ଜାତୀୟ ସ୍ତରରେ ଏବଂ ସ୍ଥାନୀୟ ସ୍ତରରେ ଇସଲାହୀ କମିଟିମାନ ଗଠନ କରନ୍ତୁ । ଯଦି କୌଣସି ତରବିୟତ୍ କମିଟି ଗଠନ କରାଯାଇଅଛି ତେବେ (ତାହା) କି କାମ କରୁଅଛି । ନିୟମିତ ରୂପେ ଇସଲାହୀ କମିଟିଗୁଡ଼ିକ ଗଠନ କରନ୍ତୁ । ତରବିୟତ୍ ସଚିବ ସ୍ୱୟଂ କମିଟିର ସଭାପତି ହୋଇଥାନ୍ତି । (ଏବେ ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅ.ବ] ଭାରତ ପାଇଁ ଅମୀର୍/ସଭାପତିଙ୍କୁ ଇସ୍‌ଲାହୀ କମିଟିର ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି) । ଏବଂ ଏହାର ସଦସ୍ୟମାନଙ୍କ ମଧ୍ୟରେ ମୁବଲ୍ଲିଗ୍ ଇନ୍‌ଚାର୍ଜ, ଅନ୍‌ସାରୁଲ୍ଲାଃ ବିଭାଗର ସଭାପତି, ଖୁଦ୍ଦାମୁଲ୍ ଅହେମଦିୟାର ସଭାପତି, ଲଜ୍‌ନାଙ୍କର ପ୍ରତିନିଧୀ ଏବଂ ଜମାଅତର ଜଣେ ସଦସ୍ୟ (ଯିଏ ଏହି କାର୍ଯ୍ୟ ପାଇଁ ଉପଯୁକ୍ତ ଥିବେ) ଅନ୍ତର୍ଭୁକ୍ତ । ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଏହି କମିଟିଗୁଡ଼ିକ ପ୍ରତ୍ୟେକ ସ୍ଥାନରେ ଗଠନ କରନ୍ତୁ । ଆପଣମାନେ ଅନେକ ମାମଲାର ସମାଧାନ କରିପାରିବେ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୧ଜୁଲାଈ ୨୦୦୮ ମସିହା)

**ଦିନାଙ୍କ ୫ ମେ ୨୦୦୮ ମସିହା: ନାଇଜେରିୟାର ମୁବଲ୍ଲିଗୀନମାନଙ୍କ ସହିତ (ହୁଜୁର ଅନୱ୍ୱର [ଅ.ବ]ଙ୍କ) ସାକ୍ଷାତ–**

ଇସ୍‌ଲାହୀ କମିଟି ସଂକ୍ରାନ୍ତରେ ହୁଜୁର ଅନୱ୍ୱର[ଅ.ବ] ନିର୍ଦ୍ଦେଶ ଦେଲେ, ଏହା ନୁହେଁ ଯେ ସମସ୍ୟା ଉପୁଜିଲେ ଯାଇ ଦେଖିବେ । ସମସ୍ୟା ଉତ୍ପନ୍ନ ହେବା ପୂର୍ବରୁ ପରିସ୍ଥିତି ଉପରେ ନଜର ରଖିବା ଉଚିତ୍ ଏବଂ ଜାଣିବା ଦରକାର ଯେ, ଏହିସ୍ଥଳେ ସମସ୍ୟା ସୃଷ୍ଟି ହୋଇପାରେ । ମାମଲା ସଙ୍ଗିନ୍ ହେବା ପୂର୍ବରୁ ତାହାର ସମାଧାନ କରିବା ଆବଶ୍ୟକ ।

ହୁଜୁର ଅନୱ୍ୱର[ଅ.ବ] କହିଲେ; ଯେଉଁ ଅଧିକାରୀମାନେ ଅସାଧୁତା

(ବିଶ୍ୱାସଘାତକତା) କରୁଛନ୍ତି । ସେମାନଙ୍କୁ ପଦରୁ ନିଲମ୍ବିତ କରି ଦିଅନ୍ତୁ । ସେମାନଙ୍କ ଠାରୁ କୌଣସି ପ୍ରକାରର ସେବା ଗ୍ରହଣ କରନ୍ତୁ ନାହିଁ । ଜଣେ ମୁବଲ୍ଲିଗ୍‌ର କାର୍ଯ୍ୟ ଏହିକି ଯେ, ସେମାନଙ୍କର ସୁଧାର କରନ୍ତୁ । ସେମାନଙ୍କୁ ଇସଲାମୀୟ ଶିକ୍ଷା ଦିଅନ୍ତୁ ଏବଂ ସେମାନଙ୍କର ତରବିୟତ୍ କରନ୍ତୁ । ମାମଲା ସୀମା ଲଘଂନ କରିବା ପୂର୍ବରୁ ସଂଶୋଧନ କରିବା ଆବଶ୍ୟକ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୧ଜୁଲାଇ ୨୦୦୮ ମସିହା)

## ୭ ଜୁନ୍ ୨୦୦୬ ମସିହା: ଜର୍ମାନୀର ଜାତୀୟ ମଜଲିସ୍ ଆମିଲା ସହିତ (ହୁଜୁର ଅନଓ୍ୱର [ଅ.ବ]ଙ୍କ) ସାକ୍ଷାତ-

ହୁଜୁର ଅନଓ୍ୱର[ଅ.ବ] ଗୋଟିଏ ତରବିୟତ୍‌ର କଥା ପ୍ରତି ଧ୍ୟାନ ଆକର୍ଷିତ କରାଇ କହିଲେ; ନିଜ ସଭା, ସମିତି ଓ ବୈଠକଗୁଡ଼ିକରେ ଆଲୋଚ୍ୟ ପ୍ରସଙ୍ଗଗୁଡ଼ିକର ସୁରକ୍ଷା କରନ୍ତୁ । ଏହା ଅତି ମୌଳିକ ପ୍ରସଙ୍ଗ ଯେ, ସଭାଗୁଡ଼ିକରେ ଆଲୋଚ୍ୟ ବିଷୟ ଅମାନତ୍ ହୋଇଥାଏ । ସେଥିପାଇଁ ତାହାକୁ ଗୋପନ ରଖିବା ଉଚିତ୍ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୭ଜୁଲାଇ ୨୦୦୬ ମସିହା)

## ଅଧିକାରୀମାନେ ପ୍ରତ୍ୟେକ ପ୍ରସଙ୍ଗକୁ ଅଣଦେଖା କରନ୍ତୁ ନାହିଁ

ସର୍ବଦା (ସମସ୍ୟା) ଚିହ୍ନଟ ହେବା ମାତ୍ରେ ତାହାକୁ ତୁରନ୍ତ ଧରନ୍ତୁ ଏବଂ ସେହିସ୍ଥଳେ ତାହାର ମୂଳୋତ୍ପାଟନ କରନ୍ତୁ । ଅଧିକାରୀମାନେ ପ୍ରତ୍ୟେକ କଥାକୁ ଅଣଦେଖା କରନ୍ତୁ ନାହିଁ । ବରଂ ପ୍ରାରମ୍ଭରୁ ହିଁ ପ୍ରତ୍ୟେକ ମନ୍ଦ ଓ ଅଶୋଭନୀୟ ବିଷୟକୁ ରୋକିବା ପାଇଁ ଚେଷ୍ଟା କରିବା ଉଚିତ୍ ଏବଂ କଦାପି ତାହାକୁ ବୃଦ୍ଧି ବିସ୍ତାର କରିବାକୁ ଦିଅ ନାହିଁ । କିମ୍ବା ଅତି କମ୍‌ରେ ମୋତେ ସେଥିସଂକ୍ରାନ୍ତରେ ସୂଚିତ କରିବା ଉଚିତ୍ । ଯାହା ଫଳରେ ମୁଁ ଖୁତ୍‌ବା ମାଧ୍ୟମରେ ସେହି ଅପକର୍ମର ନିବାରଣ କରିବା ପାଇଁ ଚେଷ୍ଟା କରିବି । କେନ୍ଦ୍ରୀୟ ଇସଲାହୀ କମିଟି ମଧ୍ୟ ଏଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ

ଏହି ନିର୍ଦ୍ଦେଶାବଳୀ ସ୍ଥାନୀୟ ଇସ୍‌ଲାହୀ କମିଟିଗୁଡ଼ିକୁ ମଧ୍ୟ ପ୍ରେରଣ କରନ୍ତୁ ତଥା ସେମାନଙ୍କୁ ତାଗିଦ୍ କରନ୍ତୁ କି ଏହାକୁ ଦୃଷ୍ଟିରେ ରଖି ସେମାନେ ନିଜ ଜମାଅତ୍‌ଗୁଡ଼ିକର ସମୀକ୍ଷା କରିବା ଜାରି ରଖନ୍ତୁ । ପ୍ରତ୍ୟେକ ଇସଲାହ୍ (ସୁଧାର) ଯୋଗ୍ୟ ବିଷୟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆପଣଙ୍କୁ ତାହାର ରିପୋର୍ଟ ପ୍ରେରଣ କରନ୍ତୁ । ତ୍ରୁଟି ମାର୍ଜନ (ଅଣଦେଖା) କରିବା ଅର୍ଥ ଏହା ନୁହେଁ ଯେ, ଦୁର୍ନୀତିକୁ ଏତେ ଢ଼ାଙ୍କିବା କି ମୋତେ ମଧ୍ୟ ତାହାର ଆଭାଷ ମିଳିବାକୁ ଦେବ ନାହିଁ । ବରଂ ଏହାର ଅର୍ଥ ଏହିକି ଯେ, ଦୁର୍ନୀତିକୁ ସର୍ବସାଧାରଣରେ ବର୍ଣ୍ଣନା କରା ନଯାଉ । ଯଦି ଅଧିକାରୀମାନେ କୌଣସି କଥାକୁ ଗୋପନ ରଖୁଛନ୍ତି ତେବେ ସେମାନେ ନିଜ ଦାୟିତ୍ୱ ପ୍ରତି ବିଶ୍ୱାସଘାତକତା କରୁଛନ୍ତି । ଏହି ପ୍ରସଙ୍ଗରେ ଯେଉଁ ବିବରଣୀ ମୋତେ ପ୍ରାପ୍ତ ହେଉଅଛି ସେଥିରୁ ଲାଗୁଛି ଅନ୍ତଃ ବିଭାଗର ମଧ୍ୟ ଏବଂ ଜମାଅତର ଅଧିକାରୀମାନେ ମଧ୍ୟ ନିଜ ଦାୟିତ୍ୱ ସଠିକ୍ ରୂପେ ନିର୍ବାହ କରୁ ନାହାନ୍ତି । ଏହି ଆଗ୍ରହ ଦେଖିବାକୁ ମିଳୁଅଛି ଯେ, କେତେକ ବୟୋଜ୍ୟେଷ୍ଠମାନଙ୍କ ଦୋଷତ୍ରୁଟି ଗୁଡ଼ିକୁ ଅଣଦେଖା କରିଦିଆ ଯାଉଅଛି ଏବଂ କେତେକ କନିଷ୍ଠଙ୍କୁ ତୁରନ୍ତ ଦଣ୍ଡିତ କରାଯାଉଛି । ଏପରି ମାମଲାଗୁଡ଼ିକୁ ଏଠାକୁ ପଠାଇବା ଆପଣମାନଙ୍କର ଦାୟିତ୍ୱ । ଆଗକୁ ଉପସ୍ଥିତ ଖଲିଫାଙ୍କର ଏହା କାର୍ଯ୍ୟ ହେବ ଯେ, ସେ ଯେପରି ଚାହିଁବେ ନିଷ୍ପତ୍ତି କରିବେ ।

ଇସ୍‌ଲାହୀ କମିଟିର କାର୍ଯ୍ୟଗୁଡ଼ିକ ବିଷୟରେ ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ଯେଉଁ ନିର୍ଦ୍ଦେଶଗୁଡ଼ିକ ଦେଇଥିଲେ ଏବଂ ଯେଉଁ ନିର୍ଦ୍ଦେଶମାନ ମୁଁ ଦେଇଅଛି ସେଗୁଡ଼ିକୁ ଏକତ୍ରୀତ କରି ଜମାଅତମାନଙ୍କୁ ପଠାନ୍ତୁ । ଏହା ବ୍ୟତୀତ ଭିନ୍ନ ଭିନ୍ନ ଦେଶଗୁଡ଼ିକର ଜାତୀୟ ମଜଲିସ୍ ଆମିଲା ଏବଂ ଅନ୍ତଃ ବିଭାଗଗୁଡ଼ିକର ମଜଲିସ୍ ଆମିଲାକୁ ମଧ୍ୟ ସମୟ ସମୟରେ ମୁଁ ନିର୍ଦ୍ଦେଶମାନ ଦେଉଅଛି ଏବଂ ତାହା ଅଲ୍ ଫଜଲ୍ ଏବଂ ଅନ୍ୟ ପତ୍ରିକାଗୁଡ଼ିକରେ ପ୍ରକାଶିତ ମଧ୍ୟ ହୋଇଯାଇଛି । ସେଗୁଡ଼ିକୁ ମଧ୍ୟ

ଏକତ୍ରୀତ କରି ନିଅନ୍ତୁ । ତାହାରି ଆଲୋକରେ ଇସ୍‌ଲାହୀ କମିଟିଗୁଡ଼ିକୁ ସ୍ଥାନୀୟ ଏବଂ କେନ୍ଦ୍ରୀୟ ସ୍ତରରେ କାର୍ଯ୍ୟ କରିବା ଉଚିତ୍ ।

(ପତ୍ର ହୁଜୁର ଅନଓ୍ୱର[ଅ.ବ] ତାରିଖ ୫ନଭେମ୍ବର ୨୦୧୦)

**୩୧ ଡ଼ିସେମ୍ବର ୨୦୦୪ ମସିହା: ଜମାଅତ ଅହେମଦିୟା ଫ୍ରାନ୍ସର ଜାତୀୟ ମଜଲିସ୍ ଆମିଲା ସହିତ ସାକ୍ଷାତ-**

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏମ.ଟି.ଏ ମଧ୍ଯ ପ୍ରତ୍ୟେକ ଘରେ ଲାଗିବା ଦରକାର । ଖୁତ୍‌ବା ଶୁଣିବା ପ୍ରତି କେବଳ ଧ୍ୟାନ ଆକର୍ଷିତ କରିବା ଯଥେଷ୍ଟ ନୁହେଁ ବରଂ ନିୟମିତ ତଥ୍ୟ ସଂଗ୍ରହ କରନ୍ତୁ ଯେ, କେତେ ଲୋକ (ଖୁତ୍‌ବା) ଶୁଣିଲେ । ହୁଜୁର ଅନଓ୍ୱର[ଅ.ବ] କହିଲେ; ପ୍ରାୟତଃ ସେହି ଘରଗୁଡ଼ିକରେ ଦ୍ୱନ୍ଦ ଓ ସମସ୍ୟା ସୃଷ୍ଟି ହୋଇଥାଏ, ଯେଉଁମାନେ ଖୁତ୍‌ବା ଶୁଣୁ ନାହାନ୍ତି କିମ୍ବା ଯାହାକିଛି ଶୁଣୁଛନ୍ତି ତାହା ଧ୍ୟାନ ପୂର୍ବକ ଶୁଣୁ ନାହାନ୍ତି ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୧ଫେବୃଆରୀ ୨୦୦୫ ମସିହା)

**୩ମେ ୨୦୦୫ମସିହା: ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା କେନିୟା ସହିତ (ହୁଜୁର ଅନଓ୍ୱର [ଅ.ବ]ଙ୍କ) ସାକ୍ଷାତ-**

ତରବିୟ୍ୟତ୍ ସମ୍ବନ୍ଧରେ ହିଁ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ନିୟମିତ ରୂପେ ପ୍ରତ୍ୟେକ ଜଲସାରେ ତରବିୟ୍ୟତ୍ କ୍ଲାସମାନ ହେବା ଆବଶ୍ୟକ । ଖୁଦ୍ଦାମ୍‌ମାନଙ୍କୁ ପବିତ୍ର କୁରଆନ ପାଠ କରିବା ଶିଖାଇବା ଦରକାର । ନମାଜ ଓ ତାହାର ଅନୁବାଦ ଶିଖାନ୍ତୁ, ଧାର୍ମିକ ସାଧାରଣ ଜ୍ଞାନର ଧାରଣା ରହିଥିବା ଉଚିତ୍ । ସମସ୍ତ ନମାଜ ପାଠ କରିବା ପ୍ରତି ଧ୍ୟାନ ରଖିବା ଉଚିତ୍ । ଅଧିକନ୍ତୁ କହିଲେ; ନିଜର ତରବିୟ୍ୟତ୍ କ୍ଲାସରେ ମୁବଲ୍ଲିଗ୍ ଓ ମୁଅଲ୍ଲିମ୍‌ମାନଙ୍କ ଠାରୁ ସାହାଯ୍ୟ ନିଅନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୦ମେ ୨୦୦୫ ମସିହା)

**୩ ମେ ୨୦୦୫ ମସିହା: ଜାତୀୟ ମଜଲିସ୍ ଆମିଲା ଅନସାରୁଲ୍ଲାଃ କେନିୟା ସହିତ (ହୁଜୁର ଅନଓ୍ୱର ଅ.ବଙ୍କ) ସାକ୍ଷାତ-**

ହୁଜୁର ଅନଓ୍ୱରଅ.ବ କାଏଦ ତରବିୟତ୍‌ଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଆପଣ ଏଥିପ୍ରତି ଚେଷ୍ଟା କରନ୍ତୁ ଯେ, ପ୍ରତ୍ୟେକ ନାସିର୍ (ବାଳକ) ପାଞ୍ଚବେଳା ନମାଜ ପାଠ କରୁ, ବାଜମାଅତ ନମାଜ ପାଠ କରୁ, ଜୁମ୍ମା ନମାଜରେ ନିୟମିତ ରୂପେ ଯୋଗ ଦେଉ । ଖଲିଫତୁଲ୍ ମସିହଙ୍କ ଖୁତବାଗୁଡ଼ିକୁ ନିୟମିତ ରୂପେ ଶୁଣୁ । ଯେଉଁମାନେ ପବିତ୍ର କୁରଆନ ପାଠ କରିବା ଜାଣିଛନ୍ତି, ସେମାନେ ନିୟମିତ ରୂପେ ତାହାର ଆବୃତ୍ତି କରନ୍ତୁ । ଅତି କମ୍‌ରେ ଦୁଇଟି ରୁକୁ ପାଠ କରନ୍ତୁ । ଆଉ ଯେଉଁମାନେ ପବିତ୍ର କୁରଆନ ପାଠ କରିବା ଜାଣି ନାହାନ୍ତି, ସେମାନଙ୍କ ନିମନ୍ତେ ବିଶେଷ କ୍ଲାସର ବ୍ୟବସ୍ଥା କରନ୍ତୁ । ସେମାନଙ୍କ ପାଇଁ ଯିଏ ମଧୁର କଣ୍ଠରେ ପାଠ କରିପାରୁ ଥିବେ, ଦୁଇ ଗୋଟି ରୁକୁ ପଠନ କରନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୦ମେ ୨୦୦୫ ମସିହା)

**୨୭ ଜୁନ୍ ୨୦୦୫: ଯୁକ୍ତରାଷ୍ଟ୍ର ଆମେରିକାର ଖୁଦ୍ଦାମୁଲ୍ ଅହେମଦିୟାର ଜାତୀୟ ମଜଲିସ୍ ଆମିଲା ସହିତ ସାକ୍ଷାତ-**

ତରବିୟତ୍ ବିଭାଗର ପରିଚାଳକ (ପ୍ରବନ୍ଧକ)ଙ୍କୁ ମହାମାନ୍ୟ ହୁଜୁର ଅନଓ୍ୱରଅ.ବ ନିର୍ଦ୍ଦେଶ ପୂର୍ବକ କହିଲେ; ଯେଉଁ ଖୁଦ୍ଦାମ୍‌ମାନଙ୍କ ସହିତ ଆପଣଙ୍କର ସମ୍ପର୍କ ଓ ଯୋଗାଯୋଗ ନାହିଁ ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ଯୋଜନା ପ୍ରସ୍ତୁତ କରନ୍ତୁ, ଯେଉଁମାନେ ମସଜିଦ୍ ଆସୁ ନାହାନ୍ତି ଏବଂ (ମସଜିଦ୍ ସହିତ) ସମ୍ପର୍କ ରଖୁ ନାହାନ୍ତି । ଅଧିକନ୍ତୁ କହିଲେ; ଏହିପରି ଭାବେ ଖୁଦ୍ଦାମ୍‌ମାନଙ୍କୁ ନିଜ ନିକଟତର କରି ସାଥିରେ ମିଶାନ୍ତୁ ।

ହୁଜୁର ଅନଓ୍ୱରଅ.ବ କହିଲେ; ଆପଣ ଖୁଦ୍ଦାମ୍‌ମାନଙ୍କୁ ମସଜିଦ୍‌କୁ ଆଣିବା ପାଇଁ ଆକର୍ଷଣୀୟ ମାଧ୍ୟମମାନ ଉପଲବ୍ଧ କରାନ୍ତୁ । ଏଥିସଂକ୍ରାନ୍ତରେ

ହୁଜୁର ଅନଓ୍ୱର ଅ.ବ ଙ୍କୁ ଅବଗତ କରାଗଲା ଯେ, ଦେଶରେ ସମୁଦାୟ ଷାଠିଏ (୬୦) ଗୋଟି ଜମାଅତ ଅଛି । ସେଥିମଧ୍ୟରୁ ଚାଳିଷ ଗୋଟି ଜମାଅତରେ ନିୟମିତ ରୂପେ ଜମାଅତୀୟ କେନ୍ଦ୍ର ସ୍ଥାପିତ ହୋଇଯାଇଛି । ଯେଉଁସ୍ଥଳେ କ୍ରୀଡ଼ା ପ୍ରତିଯୋଗୀତା ଆଦିର କାର୍ଯ୍ୟକ୍ରମର ଆୟୋଜନ କରାଯାଉଅଛି ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୨ଅଗଷ୍ଟ ୨୦୦୫ ମସିହା)

**୫ ଜୁଲାଇ ୨୦୦୫ ମସିହା: ଜାତୀୟ ମଜଲିସ୍ ଆମିଲା କାନାଡ଼ା ସହିତ ସାକ୍ଷାତ–**

ତରବିୟତ୍ ବିଭାଗକୁ ହୁଜୁର ଅନଓ୍ୱରଅ.ବ କହିଲେ; ଏମ୍.ଟି.ଏରେ ଖୁତ୍‌ବା ଶୁଣୁଥିବା ଲୋକମାନଙ୍କ ତଦନ୍ତ କରନ୍ତୁ, ଆଉ କେତେ (ଲୋକ) ଶୁଣୁ ନାହାନ୍ତି ।

ଅଧିକନ୍ତୁ କହିଲେ; କେତେକ ଆବାସ (ପ୍ଲଟ)ରେ ଏମ୍.ଟି.ଏ ନାହିଁ । କେତେକ ସ୍ଥାନରେ ଡ଼ିସ ଲଗାଇବାର ମଧ୍ୟ ବାଧକ ରହିଛି । ସେଗୁଡ଼ିକର ମଧ୍ୟ ସମୀକ୍ଷା କରନ୍ତୁ କି ସେମାନେ କିପରି ଶୁଣୁଛନ୍ତି କିମ୍ବା କ୍ୟାସେଟ୍ ଇତ୍ୟାଦି ଦେଖୁଛନ୍ତି । ହୁଜୁର ଅନଓ୍ୱରଅ.ବ କହିଲେ; କୌଣସି ବିଶେଷ ତରବିୟତ୍‌ର ବିଷୟବସ୍ତୁ ହୋଇଥିଲେ ତାହାକୁ ମୁଦ୍ରଣ କରି ଘରମାନଙ୍କୁ ପଠାଯାଇ ପାରିବ । ଯେଉଁମାନେ କାର୍ ପରି ଯାନଗୁଡ଼ିକରେ ଯାତ୍ରା କରନ୍ତି ସେମାନଙ୍କୁ ଅଡ଼ିଓ କ୍ୟାସେଟ୍ ପ୍ରଦାନ କରାଯାଇ ପାରିବ ।

ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଯେଉଁ ଲୋକମାନେ ମସଜିଦ୍‌କୁ ଆସୁଛନ୍ତି ସେମାନେ ଦୁଇ ପ୍ରକାରର । ଗୋଟିଏ ଦଳ ସେମାନେ ଯେଉଁମାନେ ସହଯୋଗୀ ଏବଂ ଦ୍ୱିତୀୟ ଦଳଟି ସେହିମାନଙ୍କର ଯେଉଁମାନେ ମସଜିଦ୍‌କୁ ତ ଆସୁଛନ୍ତି କିନ୍ତୁ ସେମାନଙ୍କ ପକ୍ଷରୁ ସହଯୋଗ ମିଳୁନାହିଁ ।

ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ତୃତୀୟ ଦଳଟି ସେହିମାନଙ୍କର ଯେଉଁମାନେ ମସଜିଦ୍ ଆସୁ ନାହାନ୍ତି କିମ୍ବା ଖୁବ୍ କମ୍

ଆସୁଛନ୍ତି ଏବଂ ସେମାନଙ୍କର ଜମାଅତୀୟ ନିଜାମ୍ (ବ୍ୟବସ୍ଥା ବିଭାଗ) ସହିତ ସମ୍ପର୍କ ମଧ୍ୟ ନାହିଁ । ଏପରି ଲୋକମାନଙ୍କର ତରବିୟତ୍ ନିମନ୍ତେ ଅଧିକ ପ୍ରୟାସ କରିବା ଉଚିତ୍ । ଅଧିକନ୍ତୁ କହିଲେ; ଗୋଟିଏ ନୀତି ଏହି ସମସ୍ତଙ୍କ ନିମନ୍ତେ ପ୍ରୟୋଗ ହୋଇପାରିବ ନାହିଁ । ପ୍ରତ୍ୟେକଙ୍କର ତରବିୟତ୍ ନିମନ୍ତେ ଭିନ୍ନ ଭିନ୍ନ ଯୋଜନା ପ୍ରସ୍ତୁତ କରିବା ଦରକାର । ତେଣୁ ନିଜର ତରବିୟତ୍ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଦୃଷ୍ଟି କୋଣରୁ ଦେଖନ୍ତୁ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; କେତେକ କାର୍ଯ୍ୟକ୍ରମରେ ଆପଣ ଅନ୍ତଃ ବିଭାଗଗୁଡ଼ିକର ସହିତ ମିଳିତ ସହଯୋଗ କ୍ରମେ ଅଧିକ ତାହାକୁ ପରିମାର୍ଜିତ କରିପାରିବେ କିମ୍ବା ସେମାନଙ୍କ କାର୍ଯ୍ୟକ୍ରମଗୁଡ଼ିକରେ ସାହାଯ୍ୟ କରି ତାହାକୁ ଅଧିକ ଶରସ ସୁନ୍ଦର କରିପାରିବେ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଆପଣମାନେ ଅନ୍ତଃ ବିଭାଗଗୁଡ଼ିକୁ ଯୋଜନା ପ୍ରସ୍ତୁତ କରି ଦିଅନ୍ତୁ ନାହିଁ, ବରଂ ସେମାନଙ୍କ ନିଜସ୍ୱ ଯୋଜନଗୁଡ଼ିକରେ ତାଙ୍କର ସାହାଯ୍ୟ ସହଯୋଗ କରନ୍ତୁ ।

ହୁଜୁର ଅନଓ୍ୱର[ଅ.ବ] ଜାତୀୟ ତରବିୟତ୍ ସଚିବଙ୍କ ଠାରୁ ଇସଲାହୀ କମିଟିର କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ମଧ୍ୟ ବିବରଣୀ ବରାଦ କଲେ ଏବଂ କହିଲେ; ଏହା ବହୁତ ବଡ଼ କାର୍ଯ୍ୟ । ସମସ୍ୟା ବୃଦ୍ଧି ପାଉଅଛି ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୯ଅଗଷ୍ଟ ୨୦୦୫ ମସିହା)

**୧୧ ସେପ୍ଟେମ୍ବର ୨୦୦୫- ଜାତୀୟ ମଜଲିସ୍ ଆମିଲା ଡେ଼ନମାର୍କ ସହିତ ସାକ୍ଷାତ-**

ତରବିୟତ୍ ସଚିବଙ୍କୁ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ନିର୍ଦ୍ଦେଶ ଦେଇ କହିଲେ; ଯେପର୍ଯ୍ୟନ୍ତ ପରିବାରମାନଙ୍କ ସହିତ ଯୋଗାଯୋଗ ହୋଇ ନାହିଁ, ସେପର୍ଯ୍ୟନ୍ତ ତରବିୟତ୍ ଆଶାନୁରୂପ ପରିଣାମ ଉଦ୍ଧୃତ ହେବ ନାହିଁ । ହୁଜୁର ଅନଓ୍ୱର[ଅ.ବ] କହିଲେ; ମସଜିଦ୍‌କୁ ସେହି

ଲୋକମାନେ ଆସିଥାନ୍ତି ଯେଉଁମାନଙ୍କର ପୂର୍ବରୁ ଜମାଅତ ସହିତ ସମ୍ପର୍କ ଓ ଯୋଗାଯୋଗ ରହିଥାଏ । ଏହା ଦେଖିବାର ଅଛି ଯେ, ଯେଉଁ ଲୋକମାନେ ମସଜିଦ ଆସୁ ନାହାନ୍ତି, ସେମାନଙ୍କୁ କିପରି ଅଣାଯାଇ ପାରିବ । ସେମାନଙ୍କ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଦରକାର । ହୁଜୁର ଅନଓ୍ୱର[ଅ.ବ] କହିଲେ; ଏପରି ଲୋକମାନଙ୍କୁ ଫେରାଇ ଆଣିବା ନିମନ୍ତେ ଆମିଲା ଏକାଠି ବସି ଚିନ୍ତନ କରି ସବିଶେଷ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଆବଶ୍ୟକ ଏବଂ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ୍ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ଆପଣଙ୍କ ଜମାଅତରେ (ସଦସ୍ୟବୃନ୍ଦ)ଙ୍କ ସଂଖ୍ୟା ସ୍ୱଳ୍ପ ଏଥିପାଇଁ ଯେ କେହି ମଧ୍ୟ ପଛରେ ରହିଯାଉଛି, ସେ ଦୃଶ୍ୟମାନ ହୋଇଯାଉ ଥିବ । ତାହାକୁ ନିକଟକୁ ପାଛୋଟି ଆଣିବା ଉଚିତ୍ । ଏପରି ଯୋଜନା ପ୍ରସ୍ତୁତ କର ଯାହାକି ସେମାନଙ୍କ ପସନ୍ଦ ମୁତାବକ ହୋଇଥିବ ଏବଂ ସେମାନଙ୍କୁ ନିକଟତର କରିବା ପାଇଁ ଚେଷ୍ଟା କରନ୍ତୁ । ଯୁବପିଢ଼ି ନିଜର ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ଲଜ୍‌ନା ନିଜର ଯୋଜନା ପ୍ରସ୍ତୁତ କରନ୍ତୁ । ସେହି ଦୁର୍ବଳ ପରିବାରଗୁଡ଼ିକୁ କିପରି ନିଜ ସହିତ ସମ୍ମିଳିତ କରାଯାଇ ପାରିବ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦେଦାର (ଅଧିକାରୀମାନେ) ନିଜର ମଧ୍ୟ ଆତ୍ମ ସମୀକ୍ଷା କରନ୍ତୁ । ନିଜ ଘରମାନଙ୍କରେ ହିଁ ଠିକ୍ ହୋଇଯାନ୍ତେ ତେବେ ବରକତ୍ (କଲ୍ୟାଣ) ଘରମାନଙ୍କରେ ଅବ୍ୟାହତ ରହିବ । ନିଜ ଘରଗୁଡ଼ିକର ମଧ୍ୟ ଅନୁଧ୍ୟାନ କରିବା ଉଚିତ୍ । ଏଠାରେ ମସଜିଦ୍‌ରେ ନିଜ ମଜଲିସ ବ୍ୟତୀତ ଏପରି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉ ଯାହା ଯୁବକମାନଙ୍କ ଆଗ୍ରହର କାରଣ ହେବ । କୌଣସି ବିଷୟ ରଖିନିଅ ଯାହା ଉପରେ (ସଭିଏଁ) ନିଜ ନିଜର ମତବ୍ୟକ୍ତ କରିବେ । କ୍ରୀଡ଼ା ପ୍ରତିଯୋଗୀତା ଇତ୍ୟାଦି ଗୁଡ଼ିକର କାର୍ଯ୍ୟକ୍ରମ ହେଉ । ଅଧିକନ୍ତୁ କହିଲେ; ଆପଣ ପରାମର୍ଶ ଦେଇପାରିବେ । କିନ୍ତୁ କାହାରିକୁ ବାଧ୍ୟ କରିପାରିବେ ନାହିଁ । ତେଣୁ ହିତୋପଦେଶ ଦେବା ଜାରି ରଖନ୍ତୁ । ହୁଜୁର ଅନଓ୍ୱର[ଅ.ବ]

କହିଲେ; ପ୍ରତ୍ୟେକ ଅହେମଦି ପିଲାମାନଙ୍କର ତରବିୟତ୍ କରିବା ଉଚିତ୍ ଏବଂ ତାହା ନିଜ ଘରୁ ଆରମ୍ଭ କରନ୍ତୁ । ଅଧିକନ୍ତୁ କହିଲେ; ଇଣ୍ଟରନେଟ୍ର (ଅଭ୍ୟାସ) ଏକ ସ୍ଥାୟୀ ରୋଗ (ପାଲଟିଛି) ଏବଂ ଟି.ଭିରେ ଖରାପ ଆଚରଣର କାର୍ଯ୍ୟକ୍ରମ (ପ୍ରସାରିତ) କରାଯାଉଛି । ହୁଜୁର ଅନଓ୍ୱର[ଅ.ବ] କହିଲେ; ଯଦି ପିତାମାତା ଘରେ ସମୟ ନଦେବେ ତେବେ ପିଲାମାନେ ବାହାରେ ଆତ୍ମଶାନ୍ତି ଓ ସୁଖର ଅନ୍ୱେଷଣ କରିବେ । ଏପରି ସେମାନଙ୍କୁ ଖରାପ ସଙ୍ଗତ ମିଳି ଯାଇଥାନ୍ତି । ଏହି ସମାଜରେ ରହିବାର ଅଛି ତ ସାମାନ୍ୟ ପରିସ୍ଥିତି ଠାରୁ ଅଧିକ ବଳିଦାନ ଓ ଉଦ୍ୟମ କରିବାକୁ ହେବ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଘରୁ ତରବିୟତ୍ ଆରମ୍ଭ ହୋଇଥାଏ । ଅଭିଭାବକମାନେ ଯଦି ନମାଜ ପାଠ କରିବେ, ପବିତ୍ର କୁରଆନ ପାଠ କରିବେ ତେବେ ପିଲାମାନେ ମଧ୍ୟ ପ୍ରଭାବିତ ହେବେ ଏବଂ ସେହିପରି କରିବେ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୧ଅକ୍ଟୋବର ୨୦୦୫ ମସିହା)

**୧୪ ସେପ୍ଟେମ୍ବର ୨୦୦୫ ମସିହା: ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ସ୍ୱିଡ଼େନର ଆମିଲା ସହିତ ସାକ୍ଷାତ-**

ତରବିୟତ୍ ବିଭାଗର ମୋହତମିମ୍ (ପରିଚାଳକ)ଙ୍କୁ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନମାଜଗୁଡ଼ିକରେ (ସଦସ୍ୟବୃନ୍ଦଙ୍କର) ଉପସ୍ଥିତି ପ୍ରତି ଧ୍ୟାନ ଦିଅନ୍ତୁ । ଆପଣମାନଙ୍କୁ ଜ୍ଞାତ ହେବା ଉଚିତ୍ ଯେ, କେତେ ଖୁଦ୍ଦାମ୍ ଏପରି ଅଛନ୍ତି ଯେଉଁମାନେ ନମାଜ ପାଠ କରୁଛନ୍ତି ଏବଂ ପବିତ୍ର କୁରଆନର ଆବୃତ୍ତି କରୁଛନ୍ତି । ଆଉ ଯେଉଁମାନେ ମସଜିଦ୍ ଆସୁ ନାହାନ୍ତି ସେମାନଙ୍କୁ ସ୍ନେହ ଓ ଆଦର ସହକାରେ ବୁଝାନ୍ତୁ । ଆପଣଙ୍କ ନିକଟରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ରହିବା ଉଚିତ୍ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁମାନେ ଆପଣଙ୍କ କଥା ଅମାନ୍ୟ କରୁଛନ୍ତି, ସେମାନଙ୍କର କୌଣସି ମିତ୍ରର ଡ଼ିୟୁଟି ଲଗାନ୍ତୁ ଯେ ତାହା ସହିତ ସମ୍ପର୍କ ସ୍ଥାପନ କରି ତାଙ୍କୁ ମସଜିଦ୍ ସହିତ ସଂଶ୍ଲିଷ୍ଟ କରିବ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୮ଅକ୍ଟୋବର ୨୦୦୫ ମସିହା)

**୭ଜାନୁଆରୀ ୨୦୦୬ମସିହା: ମଜଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଭାରତରର ଆମିଲା ସଦସ୍ୟବୃନ୍ଦଙ୍କ ସହିତ ସାକ୍ଷାତ-**

ତରବିୟତ୍ ବିଭାଗର ପରିଚାଳକଙ୍କୁ ନିର୍ଦ୍ଦେଶ ପୂର୍ବକ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆପଣଙ୍କୁ ନିଜର ଆଠଶହ ମଜଲିସ୍‌ଗୁଡ଼ିକର ତରବିୟତ୍ କରିବାର ଅଛି । ନିଜ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ଅନୁଶୀଳନ କରନ୍ତୁ । ନିଜ ଅନୁମୋଦିତ ତରବିୟତୀ ଲାହେ ଅମଲ୍ (କାର୍ଯ୍ୟସୂଚୀ)ର ଅନୁଶୀଳନ କରନ୍ତୁ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ସମୀକ୍ଷା କରନ୍ତୁ ଯେ, କେତେ ଖୁଦ୍ଦାମ ରହିଛନ୍ତି ଯେଉଁମାନେ (ନିୟମିତ) ନମାଜ ପାଠ କରୁଛନ୍ତି । ଆହୁରି କହିଲେ; ଆପଣଙ୍କ ରିପୋର୍ଟରେ ଥିବା ତରବିୟତ୍ ବିଭାଗରେ ତାହା ଉଲ୍ଲେଖ ହେବା ଦରକାର ଏବଂ ବିବରଣୀ ହସ୍ତଗତ ହେବା ଦରକାର ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଫଜର୍ ଓ ଇଶା ନମାଜରେ କେତେ ଖୁଦ୍ଦାମ୍ ଆସୁଛନ୍ତି । ମଜଲିସ୍‌ଗୁଡ଼ିକରୁ ଏହାର ମଧ୍ୟ ବିବରଣୀ ମଗାନ୍ତୁ । ପାଞ୍ଚବେଳା ନମାଜ କେତେଜଣ ପାଠ କରୁଛନ୍ତି, କେତେଜଣ ମସଜିଦ୍ ଆସି ପାଠ କରୁଛନ୍ତି । ପବିତ୍ର କୁରଆନ କେତେଜଣ ପାଠ କରୁଛନ୍ତି ଏବଂ ଓ୍ୱସିୟତ୍ ବ୍ୟବସ୍ଥାରେ କେତେଜଣ ଅଂଶ ଗ୍ରହଣ କରିଛନ୍ତି । ଆପଣଙ୍କ ନିକଟରେ ଏହିସବୁ ବିବରଣୀ ରହିବା ଉଚିତ୍ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୩ମାର୍ଚ୍ଚ ୨୦୦୬ ମସିହା)

**୭ ଅପ୍ରେଲ୍ ୨୦୦୬ ମସିହା: ଜାତୀୟ ମସଜିସ୍ ଆମିଲା ସିଙ୍ଗାପୁର ସହିତ ହୁଜୁର ଅନଓ୍ୱର [ଅ.ବ]ଙ୍କର ସାକ୍ଷାତ-**

ତରବିୟତ୍ ସଚିବଙ୍କୁ କହିଲେ; ଯେଉଁ ବନ୍ଧୁଗଣ ମସଜିଦ୍‌କୁ ଆସୁଛନ୍ତି ସେମାନଙ୍କର ତରବିୟତ୍ ନିମନ୍ତେ ତ କାର୍ଯ୍ୟକ୍ରମ କରାଯାଇଥାଏ । କିନ୍ତୁ ଯେଉଁମାନେ ମସଜିଦ୍ ଆସୁନାହାନ୍ତି, ଯୋଗାଯୋଗ କରୁନାହାନ୍ତି ସେମାନଙ୍କ ତରବିୟତ୍ ନିମନ୍ତେ କେଉଁ କେଉଁ ପଦକ୍ଷେପ ଗ୍ରହଣ

କରୁଛନ୍ତି । ହୁଜୁର ଅନଓ୍ୱର[ଅ.ବ] କହିଲେ; ସେମାନଙ୍କ ତରବିୟତ୍ ନିମନ୍ତେ ମଧ୍ୟ କାର୍ଯ୍ୟକ୍ରମ ରଖନ୍ତୁ । ଏପରି ଲୋକ ଯେଉଁମାନଙ୍କର ପୂର୍ବପୁରୁଷମାନେ ଅହେମଦୀ ଥିଲେ କିନ୍ତୁ ସେମାନଙ୍କର ପିଲାମାନେ ଏବେ ସମ୍ପର୍କରେ ନାହାନ୍ତି । ସେମାନଙ୍କ ସହିତ ଯୋଗାଯୋଗ କରନ୍ତୁ ଏବଂ ସେମାନଙ୍କୁ ମସଜିଦ୍‌କୁ ଆଣନ୍ତୁ ଏବଂ ତାହାକୁ ଅବ୍ୟାହତ ରଖନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୮ଅପ୍ରେଲ୍ ୨୦୦୬ ମସିହା)

**୮ ଅପ୍ରେଲ୍ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଇଣ୍ଡୋନେସିୟା ସହିତ ହୁଜୁର ଅନଓ୍ୱର [ଅ.ବ]ଙ୍କର ସାକ୍ଷାତ-**

ତରବିୟତ୍ ସଚିବଙ୍କୁ ହୁଜୁର ଅନଓ୍ୱର[ଅ.ବ] ପ୍ରଶ୍ନ କଲେ ଯେ, ଆପଣଙ୍କର ବାର୍ଷିକ କାର୍ଯ୍ୟଶୂଚୀ କ'ଣ ରହିଛି ? ଅଧିକନ୍ତୁ କହିଲେ; ତରବିୟତ୍ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । ପୁନଶ୍ଚ ହୁଜୁର ଅନଓ୍ୱର[ଅ.ବ] ପଚାରିଲେ, ଦେଶର କେଉଁ କେଉଁ ସ୍ଥାନରେ ଆମ୍ଭର ମସଜିଦ୍ ଓ ଜମାତୀୟ କେନ୍ଦ୍ର ରହିଛି । ଅହେମଦୀମାନେ ସେହି ମସଜିଦ୍ ଓ କେନ୍ଦ୍ରଗୁଡ଼ିକ ଠାରୁ କେତେ ଦୂରତାରେ ଅବସ୍ଥାନ କରୁଛନ୍ତି । ଏହି ବିଷୟରେ ମହାମହିମ ହୁଜୁର ଅନଓ୍ୱର [ଅ.ବ]ଙ୍କୁ ଅବଗତ କରାଗଲା ଯେ, ଗ୍ରାମଗୁଡ଼ିକରେ ତ କେନ୍ଦ୍ରଗୁଡ଼ିକ ନିକଟତର । କିନ୍ତୁ ସହରମାନଙ୍କରେ ଦୂର ଦୂରରେ ରହିଛି ଏବଂ ଭିନ୍ନ ଭିନ୍ନ ବ୍ୟବଧାନରେ ବାସ କରୁଛନ୍ତି । ହୁଜୁର ଅନଓ୍ୱର[ଅ.ବ] ପଚାରିଲେ, କେଉଁ ନମାଜରେ ଅଧିକ ଉପସ୍ଥିତି ହେଉଛି ଏବଂ କେତେ ପ୍ରତିଶତ ସାମିଲ୍ ହେଉଛନ୍ତି । ପ୍ରିୟ ହୁଜୁର କହିଲେ; ପ୍ରତ୍ୟେକ ଜମାଅତର ତରବିୟତ୍ ସଚିବଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେ, ସେ ଆପଣଙ୍କୁ ନିୟମିତ ରୂପେ ନମାଜଗୁଡ଼ିକର ଉପସ୍ଥିତି ବିଷୟରେ ବିବରଣୀ ପଠାନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୫ମେ ୨୦୦୬ ମସିହା)

**୮ ଅପ୍ରେଲ୍ ୨୦୦୬ମସିହା: ଜାତୀୟ ମଜଲିସ୍ ଆମିଲା ଖୁଦ୍ଦାମୁଲ୍ ଅହେମଦିୟା ଅଷ୍ଟ୍ରେଲିଆର ସହିତ ହୁଜୁର ଅନଓ୍ୱର[ଅ.ବ]ଙ୍କର ସାକ୍ଷାତ-**

ତରବିୟ୍ୟତ୍ ପରିଚାଳକଙ୍କୁ ହୁଜୁର ଅନଓ୍ୱର[ଅ.ବ] ପଚାରିଲେ ଖୁଦ୍ଦାମ୍‌ମାନଙ୍କ ମୋଟ ସଂଖ୍ୟା ମଧ୍ୟରୁ କେତେଜଣ ପାଞ୍ଚବେଳା ନମାଜ ପାଠ କରୁଛନ୍ତି ଏବଂ କେତେଜଣ ବାଜମାଅତ୍ ନମାଜରେ ସାମିଲ୍ ହେଉଛନ୍ତି । ହୁଜୁର ଅନଓ୍ୱର[ଅ.ବ] ନିର୍ଦ୍ଦେଶ ଦେଲେ ଯେଉଁ ଖୁଦ୍ଦାମମାନେ ଦୁର୍ବଳ ଏବଂ ନମାଜ ପାଠ କରିବାକୁ ଆସୁ ନାହାନ୍ତି ସେହିମାନଙ୍କୁ ସାଙ୍ଗରେ ଆଣିବା ପାଇଁ ସବଳ ଖୁଦ୍ଦାମଙ୍କୁ ସେମାନଙ୍କ ସହିତ ଲଗାନ୍ତୁ (ଜଡ଼ିତ କରାନ୍ତୁ) । ଏପରି ଖୁଦ୍ଦାମ୍ ହୁଅନ୍ତୁ ଯେଉଁମାନେ ସେମାନଙ୍କୁ ନମାଜ ପାଠକାରୀ ରୂପେ ଗଢ଼ି ଦେବେ । ଏପରି ନହୁଏ କି ସେମାନେ ସ୍ୱୟଂ ତାଙ୍କ ସହିତ ମିଳିତ ହୋଇ ବେନମାଜୀ ପାଲଟି ଯିବେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ତରବିୟ୍ୟତ୍ ପରିଚାଳକଙ୍କୁ ପ୍ରଶ୍ନ କଲେ, କେତେଜଣ ଖୁଦ୍ଦାମ ଏମ.ଟି.ଏରେ ଖୁତ୍‌ବା ଶୁଣୁଛନ୍ତି । ହୁଜୁର ଅନଓ୍ୱର[ଅ.ବ] ସ୍ୱୟଂ ସମୀକ୍ଷା କରିବା ପରେ କହିଲେ; ଯେଉଁମାନେ ଖୁତ୍‌ବା ଶୁଣୁ ନାହାନ୍ତି ସେମାନଙ୍କ ନିମନ୍ତେ ଯୋଜନା ପ୍ରସ୍ତୁତ କରୁଥିନ୍ତୁ । ପୁଣି ହୁଜୁର ଅନଓ୍ୱର[ଅ.ବ] ପଚାରିଲେ, ପବିତ୍ର କୁରଆନ ପାଠ କରୁଥିବା ଖୁଦ୍ଦାମ୍‌ମାନଙ୍କ ସଂଖ୍ୟା କେତେ ? ଯେଉଁମାନେ ନିୟମିତ ପବିତ୍ର କୁରଆନ ପାଠ କରୁ ନାହାନ୍ତି ସେମାନଙ୍କ ସଂଖ୍ୟା କେତେ ? ଯେଉଁମାନେ ମାସକରେ, ପନ୍ଦର ଦିନରେ ପାଠ କରନ୍ତି, ସେମାନଙ୍କ ସଂଖ୍ୟା କେତେ ରହିଛି ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁମାନେ କୁରଆନ ପାଠ କରୁ ନାହାନ୍ତି ସେମାନେ (ଅତି କମ୍‌ରେ) ପନ୍ଦର ଦିନ ତ କରନ୍ତୁ । ଯଦି ଏପରି କରିବେ ତେବେ ସେମାନଙ୍କ ଅଭ୍ୟାସ ଚିରସ୍ଥାୟୀ ହୋଇଯିବ ।

ହୁଜୁର ଅନଓ୍ୱର[ଅ.ବ] ଖୁଦ୍ଦାମ୍‌ମାନଙ୍କ ମଧ୍ୟରେ କେନ୍ଦ୍ରୀୟ ମଜଲିସ୍ ଆମିଲା ମଧ୍ୟରୁ ବାଜମାଅତ୍ (ସାମୂହିକ) ନମାଜ ପାଠ କରୁଥିବା ସଦସ୍ୟବୃନ୍ଦଙ୍କର ମଧ୍ୟ ଅନୁଧ୍ୟାନ କଲେ ଏବଂ କହିଲେ; ଆମିଲାର ଯେଉଁ

ସଦସ୍ୟ ନମାଜ ପାଠ କରୁନାହାନ୍ତି, ସେ ଅନ୍ୟମାନଙ୍କୁ କିପରି ଓ କ'ଣ କହିବେ । ହୁଜୁର ଅନୱ୍ୱର[ଅ.ବ] ଆମିଲାର ସଦସ୍ୟବୃନ୍ଦଙ୍କୁ ପ୍ରଶ୍ନ କଲେ ପ୍ରତିଦିନ ପବିତ୍ର କୁରଆନ ପାଠକାରୀ କେତେଜଣ ଅଛନ୍ତି । ହୁଜୁର ଅନୱ୍ୱର[ଅ.ବ] କହିଲେ; ପ୍ରତିଦିନ ପବିତ୍ର କୁରଆନ ଆବୃତ୍ତି କରିବାର ଅଭ୍ୟାସ କରନ୍ତୁ । ଯେଉଁ ଖୁଦ୍ଦାମମାନେ ଦୂରେଇ ଯାଉଛନ୍ତି ସେମାନଙ୍କୁ ସେମାନଙ୍କ ବନ୍ଧୁମାନଙ୍କ ଦ୍ୱାରା ନିକଟକୁ ଆଣିବା ପାଇଁ ଚେଷ୍ଟା କରନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୬ମେ ୨୦୦୬ ମସିହା)

**୧୮ଅପ୍ରେଲ୍ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଖୁଦ୍ଦାମୁଲ୍ ଅହେମଦିୟା ଅଷ୍ଟ୍ରେଲିଆ ସହିତ ହୁଜୁର ଅନୱ୍ୱର [ଅ.ବ]ଙ୍କର ସାକ୍ଷାତ–**

ତରବିୟ୍ୟତ୍ ସଚିବ ମହୋଦୟଙ୍କୁ ହୁଜୁର ଅନୱ୍ୱର[ଅ.ବ] ପ୍ରଶ୍ନ କଲେ– ଆପଣଙ୍କ ବାର୍ଷିକ ଲାହେ ଅମଲ୍ (କାର୍ଯ୍ୟସୂଚୀ) କ'ଣ ରହିଛି ? ପୁନଶ୍ଚ ହୁଜୁର କହିଲେ; ଯେଉଁ ଲୋକମାନେ ପଛରେ ରହିଯାଇଛନ୍ତି ସେମାନଙ୍କ ପାଇଁ କେଉଁ ବ୍ୟବସ୍ଥା ଏବଂ ଯୋଜନା ପ୍ରସ୍ତୁତ କରିଛନ୍ତି । ସେମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ କି ପଦକ୍ଷେପ ନେଇଛନ୍ତି । ହୁଜୁର ଅନୱ୍ୱର[ଅ.ବ] କହିଲେ; ଅଧିକାରୀ ହେବା ଦିଗରୁ ଆପଣଙ୍କର ଗୋଟିଏ ସମ୍ପର୍କ (ସେମାନଙ୍କ ସହିତ) ରହିଛି ଏବଂ ଆଉ ଗୋଟିଏ ଭାଇ, ବନ୍ଧୁ ଓ ସହାନୁଭୂତି ପ୍ରଦର୍ଶନ କରିବା ଦୃଷ୍ଟିରୁ ମଧ୍ୟ (ସମ୍ପର୍କ) ରହିଛି । ମୁରବୀ କିମ୍ବା ଅମୀର କିମ୍ବା ତରବିୟ୍ୟତ୍ ସଚିବ ଏପରି ଲୋକମାନଙ୍କ ସହିତ ଯୋଗାଯୋଗ କରିବାକୁ ଯିବା ଜରୁରୀ ନୁହେଁ । ଆପଣମାନେ ଏହା ଦେଖନ୍ତୁ କି ଏପରି ଲୋକମାନଙ୍କୁ ଫେରାଇ ଆଣିବା ଏବଂ ତାଙ୍କ ସହ ଯୋଗାଯୋଗ ସ୍ଥାପନ କରିବା ନିମନ୍ତେ କାହାକୁ ବ୍ୟବହାର କରାଯାଇ ପାରିବ ।

ହୁଜୁର ଅନୱ୍ୱର[ଅ.ବ] ତରବିୟ୍ୟତ୍ ସଚିବଙ୍କୁ ନିର୍ଦ୍ଦେଶ ଦେଇ କହିଲେ; ପର୍ଦ୍ଦା (କରିବା) କେବଳ ଲଜ୍‌ନାମାନଙ୍କର କାର୍ଯ୍ୟ ନୁହେଁ, ବରଂ ପୁରୁଷମାନଙ୍କର ମଧ୍ୟ କାର୍ଯ୍ୟ । ଏହି ପରଦେଶକୁ ଆସି କେତେକ ମହିଳା ଖୁବ୍ କମ୍ ପର୍ଦ୍ଦା କରୁଛନ୍ତି । ଏପରି ପୋଷାକରେ ଚାଲି ଆସୁଛନ୍ତି,

ଯାହାକି ଉପଯୁକ୍ତ ନୁହେଁ । ହୁଜୁର ଅନୱରଅ.ବ କହିଲେ; ଏଥିରେ ଦୋଷ ପୁରୁଷମାନଙ୍କର । କାରଣ ସେମାନେ (ନିଜ ମହିଳାମାନଙ୍କୁ ଖୋଲା ଅନୁମତି ଦେଇ ଦେଉଛନ୍ତି ଏବଂ ସ୍ୱୟଂ ଜଟିଳତାର ଶିକାର ହେଉଛନ୍ତି ।

ହୁଜୁର ଅନୱରଅ.ବ କହିଲେ; ଏପରି ମାମଲାରେ ପୁରୁଷମାନଙ୍କୁ ବୁଝାଇବା ଆବଶ୍ୟକ । ପ୍ରିୟ ହୁଜୁର ଅନୱରଅ.ବ ଆହୁରି କହିଲେ; ସାକ୍ଷାତ କରିବା ସମୟରେ ମୁଁ ଏକଥାର ସମୀକ୍ଷା କରିଛି, ଅଧିକାଂଶ ଲୋକ ଏହି ଉତ୍ତର ଦେଇଛନ୍ତି ଯେ, ପୁରୁଷମାନଙ୍କୁ ଆମ୍ଭ ସହିତ ବଜାରରେ ବୁଲାବୁଲି କରିବାକୁ ଲଜ୍ୟା ଅନୁଭବ ହେଉଛି । ଅଧିକନ୍ତୁ କହିଲେ; ପର୍ଦା ତୁମ (ଚିନ୍ତାଧାରାକୁ) ନିମ୍ନଗାମୀ କରିବା ପରିବର୍ତ୍ତେ ଉନ୍ନତି ଆଡ଼କୁ ଘେନି ନେବା ଉଚିତ୍ । ହୁଜୁର ଅନୱରଅ.ବ ଆହୁରି କହିଲେ; ପ୍ରତ୍ୟେକଙ୍କ ମଧ୍ୟରେ ଏହି ଭାବନା ରହିବା ଉଚିତ୍, ଯେ ଆପଣ ତାହା ପ୍ରତି ସମ୍ବେଦନଶୀଳ । କହିଲେ; ସମାଜରେ ଅବନତ ହେବା ଉଚିତ୍ ନୁହେଁ । ଗୋଟିଏ ବିରତି ନେବା ଅନ୍ତେ ପାଦ ଉର୍ଦ୍ଧ୍ୱକୁ ଅଗ୍ରସର ହେବା ଉଚିତ୍ ।

ହୁଜୁର ଅନୱରଅ.ବ କହିଲେ; ମଣିଷ ମନୋବୃତ୍ତି ନଗ୍ନତା ଢ଼ାଙ୍କିବା ଆଡ଼କୁ ରହିଥାଏ । ପୋଷାକ ସଭ୍ୟ ଓ ଭଦ୍ର ହେବା ଉଚିତ୍ । ଯେଉଁମାନେ ପାକିସ୍ତାନରୁ ଆସିଛନ୍ତି ଏବଂ ବୁର୍କା ପିନ୍ଧି ଆସୁଛନ୍ତି, ଯଦି ସେମାନେ ବୁର୍କା କାଢ଼ନ୍ତି ଅର୍ଥାତ୍ ସେଥିରୁ ବିରତ ରୁହନ୍ତି ତେବେ ସେମାନଙ୍କୁ ବୁଝାଇବା ଉଚିତ୍ ଯେ, ନିଜ ବୁର୍କା ପରିଧାନ କରିବା ସମାପ୍ତ କର ନାହିଁ । ନମ୍ରତାର ସହିତ ବୁଝାସୁଝା କରନ୍ତୁ ଏବଂ (ନିଜ ଚର୍ତୁପାର୍ଶ୍ୱରେ) ନଜର ରଖନ୍ତୁ ।

ହୁଜୁର ଅନୱରଅ.ବ କହିଲେ; ଯେଉଁମାନେ ନମାଜଗୁଡ଼ିକରେ ଆସୁନାହାନ୍ତି ସେମାନଙ୍କୁ ମସଜିଦ୍ ଆଣିବା ଅତ୍ୟନ୍ତ ଜରୁରୀ । ଆହୁରି କହିଲେ; ଆପଣଙ୍କର ପ୍ରତ୍ୟେକ ଷଷ୍ଠ ଖୁତ୍‌ବା ତରବିୟତ୍ ଉପରେ ପର୍ଯ୍ୟବସିତ ହେବା ଉଚିତ୍ ଏବଂ ପ୍ରତ୍ୟେକ ଚତୁର୍ଥ ଖୁତ୍‌ବା ଆର୍ଥିକ ବଳିଦାନ ତଥା ଉପାସନା ଉପରେ ଆଧାରିତ ହେଉ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୨୬ମେ ୨୦୦୬ ମସିହା)

**୩ ମେ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଫିଜି ସହିତ ହୁଜୁର ଅନଓ୍ୱର ଅ.ବଙ୍କର ସାକ୍ଷାତ–**

ତରବିୟତ୍ ସଚିବଙ୍କ ଠାରୁ ସେମାନଙ୍କ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରି ହୁଜୁର ଅନଓ୍ୱରଅ.ବ ନିର୍ଦ୍ଦେଶ ଦେଲେ ଯେ, ନମାଜ ବାଜମାଅତ୍ (ପାଠ) କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଆପଣମାନେ ଏହି ନିରୀକ୍ଷଣ କରୁଥିବେ ଯେ, କେତେଜଣ ଲୋକ (ନମାଜ ପାଠ କରିବାକୁ) ଆସୁଛନ୍ତି ଏବଂ ପାଞ୍ଚବେଳା ନମାଜଗୁଡ଼ିକରେ କେତେ ଉପସ୍ଥିତି ହେଉଛି । ନମାଜଗୁଡ଼ିକର ଉପସ୍ଥିତିକୁ ବୃଦ୍ଧି କରାନ୍ତୁ । ଯେଉଁମାନେ ନମାଜଗୁଡ଼ିକରେ ପୂର୍ବରୁ ଆସୁଥିଲେ କିନ୍ତୁ ଏବେ ଆସୁ ନାହାନ୍ତି ସେମାନଙ୍କର କଥା ବୁଝନ୍ତୁ, ଯେ କାହିଁକି ଆସୁ ନାହାନ୍ତି ? ହୁଜୁର ଅନଓ୍ୱରଅ.ବ କହିଲେ; ସମସ୍ତ ଜମାଅତଗୁଡ଼ିକରେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଆପଣମାନେ ଏହି ପ୍ରସଙ୍ଗରେ ଯେଉଁ ସବୁ ଚେଷ୍ଟା କରୁଛନ୍ତି । ଯଦି ଜମାଅତଗୁଡ଼ିକରୁ ଏହାର ଫଳାଫଳର ଆପଣଙ୍କୁ ଜ୍ଞାତ ହେବ ନାହିଁ ତେବେ ଆସନ୍ତା ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ ନାହିଁ ।

ହୁଜୁର ଅନଓ୍ୱରଅ.ବ କହିଲେ; ଗୋଟିଏ ବହୁତ ବଡ଼ କାର୍ଯ୍ୟ ପବିତ୍ର କୁରଆନ ପାଠ କରିବାର ରହିଛି ଏବଂ ଏହା ସମୀକ୍ଷା କରିବା ଯେ, କେତେଜଣ ପ୍ରତିଦିନ ନିୟମିତ ରୂପେ ପବିତ୍ର କୁରଆନ ପାଠ କରୁଛନ୍ତି । ଏହା ମଧ୍ୟ ତରବିୟତ୍ ସଚିବଙ୍କର କାର୍ଯ୍ୟ । ଯଦି ପବିତ୍ର କୁରଆନର ଅଧ୍ୟୟନ କରିବେ ତେବେ ଜାଣି ପାରିବେ ଯେ, କେଉଁ ପ୍ରସଙ୍ଗଗୁଡ଼ିକ କରିବାର ଅଛି ଏବଂ କେଉଁ କାର୍ଯ୍ୟଗୁଡ଼ିକ କରିବାକୁ ବାରଣ କରାଯାଇଛି ।

ହୁଜୁର ଅନଓ୍ୱରଅ.ବ ନିର୍ଦ୍ଦେଶ ଦେଲେ ଯେ, ସିରତୁନ୍ ନବୀସ.ଅ ଜଲ୍‌ସାଗୁଡ଼ିକରେ ଅନ୍ୟମାନଙ୍କୁ ନିମନ୍ତ୍ରଣ କରନ୍ତୁ । ଅଧିକନ୍ତୁ କହିଲେ; ଗଭୀରତାର ସହିତ ସମୀକ୍ଷା କରିବାକୁ ପଡ଼ିବ ଯେ, ପ୍ରତ୍ୟେକ ଜମାଅତ୍‌ରେ କେତେଜଣ ଲୋକ ଅଛନ୍ତି ଯେଉଁମାନେ ନମାଜଗୁଡ଼ିକ ପାଠ କରୁ ନାହାନ୍ତି ଏବଂ ଘରେ ମଧ୍ୟ ନମାଜ ପାଠ କରୁ ନାହାନ୍ତି, ସେମାନଙ୍କର

ଅନୁଧ୍ୟାନ କରନ୍ତୁ । ପୁଣି ସେମାନଙ୍କର ତରବିୟତ୍ ନିମନ୍ତେ ଖସଡ଼ା ପ୍ରସ୍ତୁତ କରନ୍ତୁ । ହୁଜୁର କହିଲେ; ଯେଉଁବ୍ୟକ୍ତି ନିଜ ଘରେ ନମାଜ ପାଠ କରୁ ନାହିଁ ତାହାକୁ ନିଜ ଘରେ ହିଁ ନମାଜ ପାଠ କରିବାକୁ ପ୍ରୋତ୍ସାହିତ କରନ୍ତୁ । ଏହା ମୁରବୀମାନଙ୍କର ଓ ତରବିୟତ୍ ସଚିବଙ୍କର କାର୍ଯ୍ୟ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଜମାଅତ୍‌ର ମହିଳାମାନଙ୍କର ମଧ୍ୟ ତରବିୟତ୍ ପ୍ରତି ଧ୍ୟାନ ନାହିଁ । କେତେକ ମହିଳାମାନଙ୍କୁ ନମାଜ ପାଠ କରିବା ହିଁ ଜଣା ନାହିଁ ତେବେ ସେମାନେ ନିଜ ପିଲାମାନଙ୍କୁ କ'ଣ ବା ଶିକ୍ଷା ଦେବେ । ମା'ମାନଙ୍କୁ ନିଜ ଛୁଆର ତରବିୟତ୍ କରିବାର ଅଛି । ପିତା ତ ନିଜ କାମଧନ୍ଦାରେ ଘରୁ ବାହାରେ ରହିଥାଏ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁ କେନ୍ଦ୍ରୀୟ ଜଲ୍‌ସାମାନ ଅନୁଷ୍ଠିତ ହେଉଅଛି, ସେମାନଙ୍କର ଏପରି କାର୍ଯ୍ୟକ୍ରମ ଏବଂ ବିଷୟବସ୍ତୁ ରଖନ୍ତୁ ଯାହା ତରବିୟତ୍ ଉପରେ ପର୍ଯ୍ୟବସିତ ହୋଇଥିବ । ପୁରୁଷମାନେ ନିଜେ ମଧ୍ୟ ନମାଜ ପାଠ କରନ୍ତୁ, ନିଜ ମହିଳାମାନଙ୍କୁ ମଧ୍ୟ ନମାଜ ପାଠ କରାନ୍ତୁ ଏବଂ ନିଜ ପିଲାମାନଙ୍କୁ ମଧ୍ୟ ନମାଜ ପାଠ କରାନ୍ତୁ । ନିଜେ ପବିତ୍ର କୁରଆନ ପାଠ କରନ୍ତୁ ଏବଂ ଘରେ ନିଜ ମହିଳାମାନଙ୍କୁ ଓ ପିଲାମାନଙ୍କୁ ମଧ୍ୟ (ପବିତ୍ର କୁରଆନ) ପାଠ କରାନ୍ତୁ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ତରବିୟତ୍ କରିବା ଏକ କଷ୍ଟସାଧ୍ୟ ବ୍ୟାପାର । ପତିପତ୍ନୀଙ୍କ ପାରସ୍ପରିକ ସମ୍ପର୍କ ସଠିକ୍ ହେବା ଉଚିତ୍ । ବିବାହ ହେଉଅଛି ପୁଣି ବିଚ୍ଛେଦ ମଧ୍ୟ ହୋଇଯାଉଛି । ଏହା ତରବିୟତ୍ ନକରିବା ଜନିତ ସମସ୍ୟା, ଏଗୁଡ଼ିକର ସମାଧାନ କରିବା ଉଚିତ୍ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେତେବେଳେ କାହାରିକୁ ଦଣ୍ଡିତ କରାଯାଉଛି ଏବଂ ତାହାର ଘୋଷଣା କରାଯାଉଛି ସେତେବେଳେ ସେମାନଙ୍କୁ ଲଜ୍ୟା ଅନୁଭବ ହେଉଛି । ଏଗୁଡ଼ିକ ତରବିୟତ୍‌ର ଅଭାବ ଜନିତ ସମସ୍ୟା, ଯାହା ଅମୀର୍ ଓ ମୁବଲ୍ଲିଗ୍ ତଥା ସମସ୍ତ ତରବିୟତ୍ ସଚିବମାନଙ୍କର କାର୍ଯ୍ୟ । ଯଦି ତରବିୟତ୍ କରାଯିବ ତେବେ ତ୍ରୁଟି ସାଧିତ ହେବ ନାହିଁ ଏବଂ ଲଜ୍ଜିତ

ମଧ୍ୟ ହେବେ ନାହିଁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୬ଜୁନ୍ ୨୦୦୬ ମସିହା)

**୭ ମେ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଅନ୍‌ସାରୁଲ୍ଲାଃ ନ୍ୟୁଜଲ୍ୟାଣ୍ଡ ସହିତ ହୁଜୁର ଅନଓ୍ୱର ଅ.ବଙ୍କର ସାକ୍ଷାତ-**

ହୁଜୁର ଅନଓ୍ୱରଅ.ବ କାଏଦ୍ ସାହେବ ତରବିୟତ୍‌ଙ୍କୁ ପଚାରିଲେ ଆପଣଙ୍କର ଯୋଜନା ଏବଂ କାର୍ଯ୍ୟକ୍ରମ କ'ଣ ରହିଛି । ହୁଜୁର ଅନଓ୍ୱରଅ.ବ କହିଲେ; ଆପଣଙ୍କ ପାଖରେ ବିଧିବଦ୍ଧ ଭାବରେ (ସମସ୍ତ) ରେକର୍ଡ଼ ରହିବା ଉଚିତ୍ । କେତେଜଣ ଅନ୍‌ସାର ନମାଜ ବାଜମାଅତ୍ ପାଠ କରୁଛନ୍ତି । କେତେଜଣ ପ୍ରତିଦିନ ନିୟମିତ ରୂପେ ପବିତ୍ର କୁରଆନ ପାଠ କରୁଛନ୍ତି । କେତେଜଣ ନିଜ ପିଲାମାନଙ୍କର ତରବିୟତ୍ ପ୍ରତି ଧ୍ୟାନ ଦେଉଛନ୍ତି । ହୁଜୁର ଅନଓ୍ୱରଅ.ବ କହିଲେ; ଅନ୍‌ସାରମାନଙ୍କର ଧ୍ୟାନ ଆକର୍ଷିତ କରାନ୍ତୁ ଯେ, ସେମାନେ ଘରେ ଧାର୍ମିକ ଆଲୋଚନା ଓ ବାର୍ତ୍ତାଳାପ କରନ୍ତୁ । ହଜରତ ମସିହ ମଉଦ ଅ.ସଙ୍କ ପ୍ରସଙ୍ଗରେ ଚର୍ଚ୍ଚା କରନ୍ତୁ ଏବଂ ଆପଣ ଅ.ସଙ୍କ ପୁସ୍ତକ ଗୁଡ଼ିକର ପଠନ କରାଯାଉ । ଘରେ ଧାର୍ମିକ ପରିବେଶ ସୃଷ୍ଟି କରନ୍ତୁ । ପିଲାମାନେ ନମାଜଗୁଡ଼ିକ ପାଠ କରନ୍ତୁ ଏବଂ ପବିତ୍ର କୁରଆନ ପାଠ କରନ୍ତୁ । ଅନ୍‌ସାରମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଯଦି ଆପଣଙ୍କୁ ନୂତନ ପିଢ଼ିକୁ ସୁରକ୍ଷିତ କରିବାର ଅଛି ତେବେ ଆପଣଙ୍କୁ ସେମାନଙ୍କର ଶିକ୍ଷା ଓ ତରବିୟତ୍ ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ ହେବ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୩୦ଜୁନ୍ ୨୦୦୬ ମସିହା)

**୭ ମେ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଖୁଦ୍ଦାମୁଲ୍ ଅହେମଦିୟା ନ୍ୟୁଜଲ୍ୟାଣ୍ଡ ସହିତ ହୁଜୁର ଅନଓ୍ୱର ଅ.ବଙ୍କର ସାକ୍ଷାତ-**

ପ୍ରିୟ ହୁଜୁର ଅନଓ୍ୱରଅ.ବ ତରବିୟତ୍ ପରିଚାଳକଙ୍କୁ ତାଙ୍କ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟଗୁଡ଼ିକ ବିଷୟରେ ପଚାରିଲେ । ହୁଜୁର

ଅନଓ୍ୱର[ଅ.ବ] କହିଲେ; ଆପଣଙ୍କୁ ଜ୍ଞାତ ହେବା ଉଚିତ୍ ଯେ, କେତେଜଣ ଖୁଦ୍ଦାମ୍ ପାଞ୍ଚବେଳା ନିୟମିତ ରୂପେ ନମାଜ ପାଠ କରୁଛନ୍ତି ଏବଂ କେତେଜଣ ଖୁଦ୍ଦାମ୍ ବାଜମାଅତ୍ ନମାଜ ପାଠ କରୁଛନ୍ତି । କେତେଜଣ ଖୁଦ୍ଦାମ୍ ପବିତ୍ର କୁରଆନର ତିଲାଓ୍ୱତ୍ (ଆବୃତ୍ତି) କରୁଛନ୍ତି ଏବଂ ନିୟମିତ ରୂପେ ତାହାର ଅଧ୍ୟୟନ କରୁଛନ୍ତି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ପ୍ରକୃତ କଥା ଏହିକି ଯେ ନମାଜ ପାଠ କର, ପବିତ୍ର କୁରଆନର ଆବୃତ୍ତି କର । ଅଧିକନ୍ତୁ କହିଲେ; ତରବିୟ୍ୟତ୍ ନିମନ୍ତେ ହଜରତ ମସିହ ମଉଦ [ଅ.ସ]ଙ୍କ ପୁସ୍ତକଗୁଡ଼ିକ ମଧ୍ୟରୁ ବିଭିନ୍ନ ବିଷୟବସ୍ତୁ ସମ୍ବନ୍ଧିତ ପ୍ରବନ୍ଧ ତଥା ସନ୍ଦର୍ଭ ଚୟନ କରି ଖୁଦ୍ଦାମ୍‌ମାନଙ୍କୁ ପ୍ରଦାନ କରନ୍ତୁ । ଯେପରିକି ପିତାମାତାଙ୍କ ଅଧିକାର ସମ୍ବନ୍ଧିତ, ପ୍ରତିବାସୀଙ୍କ ଅଧିକାର ସମ୍ବନ୍ଧିତ, ଖିଦମତେ ଖଲକ୍ (ମାନବ ସେବା), ନମାଜ, ପବିତ୍ର କୁରଆନ, ଆର୍ଥିକ ବଳିଦାନ, ସତ୍ୟ ବଚନ, କ୍ରୋଧିତ ନହେବା, ବିଶ୍ୱସନୀୟତା ଇତ୍ୟାଦି ବିଭିନ୍ନ ବିଷୟଗୁଡ଼ିକୁ ଚୟନ କରି ଖୁଦ୍ଦାମ୍‌ମାନଙ୍କୁ ଦିଅନ୍ତୁ । ତରବିୟ୍ୟତ୍ ଜଲ୍‌ସା (ସଭା)ଗୁଡ଼ିକରେ ପାଠ କରାଯାଉ ଏବଂ ସେଗୁଡ଼ିକୁ ଶିକ୍ଷଣୀୟ ପାଠ୍ୟକ୍ରମ ରୂପେ ମଧ୍ୟ ସାମିଲ କରାଯାଉ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ତରବିୟ୍ୟତ୍ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇ କହିଲେ; ପ୍ରଥମେ ସମ୍ପୂର୍ଣ୍ଣ ନିରୀକ୍ଷଣ କରନ୍ତୁ ଯେ, କେତେଜଣ ଖୁଦ୍ଦାମ୍‌ଙ୍କୁ ସାଧା ନମାଜ ଓ ତାହାର ଅନୁବାଦ ଜଣାଅଛି ତଥା ପବିତ୍ର କୁରଆନ ପାଠ କରିବା ଜାଣିଛନ୍ତି । ଏହାର ନିରୀକ୍ଷଣ କରିବା ପରେ ଯାଇ ଆପଣ ତରବିୟ୍ୟତ୍ କରି ପାରିବେ ଏବଂ ଏକ ଉପଯୁକ୍ତ ଓ ବିଧିବଦ୍ଧ କାର୍ଯ୍ୟସୂଚୀ ପ୍ରସ୍ତୁତ କରିପାରିବେ । ହୁଜୁର ଅନଓ୍ୱର[ଅ.ବ] କହିଲେ; କେତେକ ଯୁବକମାନେ ଅଣଅହେମଦି କନ୍ୟାମାନଙ୍କ ସହିତ ବିବାହ କରି ନେଉଛନ୍ତି । ଏହିପରି କେତେକ ଅହେମଦି ଯୁବତୀମାନେ ମଧ୍ୟ ଅନ୍ୟ ସମାଜରେ (ଅଣଅହେମଦି ଯୁବକଙ୍କୁ) ବିବାହ କରି ନେଉଛନ୍ତି ।

ଉଭୟ କ୍ଷେତ୍ରରେ (ସେମାନଙ୍କର) ଆସନ୍ତା ପିଢ଼ି ନଷ୍ଟ ହୋଇଥାଏ । ଏଥିପାଇଁ ପ୍ରଶୀକ୍ଷଣ ବିଭାଗକୁ ଅତ୍ୟଧିକ ସକ୍ରିୟ ହେବା ଉଚିତ୍ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ସମସ୍ତ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ପାଞ୍ଚବେଳାର ନମାଜକୁ ତାହାର ଧାର୍ଯ୍ୟ ସମୟରେ ପାଠ କରିବା ଅତ୍ୟନ୍ତ ଜରୁରୀ । ଦେଖ ଯେଉଁ ବ୍ୟକ୍ତି ପାଞ୍ଚବେଳାର ନମାଜ ପାଠ କରୁଥିବ ତାହାର ତରବିୟତ୍ ହୋଇଯିବ ଏବଂ ଯେ ପବିତ୍ର କୁରଆନ ପାଠ କରିବ, ତାହାର ମଧ୍ୟ ତରବିୟତ୍ ହୋଇଯିବ । ଏହିଭଳି ଯିଏ ଆପଣଙ୍କ ଜଲ୍‌ସାଗୁଡ଼ିକରେ ନିୟମିତ ରୂପେ ଯୋଗ ଦେବ ତଥା ମସଜିଦ୍ ସହିତ ସମ୍ପର୍କ ସ୍ଥାପନ କରି ତାହାର ମଧ୍ୟ ତରବିୟତ୍ ହୋଇଯିବ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ପ୍ରଥମ ମାସରେ ପବିତ୍ର କୁରଆନ, ହଦିସ୍ ଓ ହଜରତ ମସିହ ମଉଦ[ଅ.ସ]ଙ୍କ ସନ୍ଦର୍ଭଗୁଡ଼ିକ ଉପରେ ଆଧାରିତ ଗୋଟିଏ ଦୁଇଟି ପୃଷ୍ଠା ପ୍ରକାଶିତ କରି ଖୁଦ୍ଦାମ୍‌ମାନଙ୍କୁ ଦେଇ ଦିଅନ୍ତୁ । ଏଥିରେ ବିଭିନ୍ନ ବିଷୟଗୁଡ଼ିକ ଉପରେ ତରବିୟତୀ ପ୍ରବନ୍ଧମାନ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିବ ଏବଂ ସେଥି ଅନୁଯାୟୀ ହଜରତ ମସିହ ମଉଦ [ଅ.ସ]ଙ୍କ ପୁସ୍ତକଗୁଡ଼ିକରୁ ସନ୍ଦର୍ଭ ଚୟନ କରି ନିଅନ୍ତୁ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁ ଖାଦିମ୍ (ସେବକ) ପଛଘୁଞ୍ଚା ଦେଉଛି ଏବଂ ତାହାର ସମ୍ପର୍କ ଛିନ୍ନ ହୋଇଛି । ତାହାର କୌଣସି ବନ୍ଧୁ ମାଧ୍ୟମରେ ତାହାକୁ ନିକଟକୁ ଆଣନ୍ତୁ । ଏହା ଜରୁରୀ ନୁହେଁ ଯେ, କର୍ମକର୍ତ୍ତା ହିଁ ଯିବେ ଏବଂ ତାହା ସହିତ ସମ୍ପର୍କ ସ୍ଥାପନ କରିବେ । ଆମର ମୂଳ ଉଦ୍ଦେଶ୍ୟ ଏହିକି ଯେ, ସେ ଜମାଅତର ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଯାଉ । ଆଉ ମସଜିଦ୍ ସହିତ ତାହାର ସମ୍ପର୍କ ସ୍ଥାପନ ହେଉ ।

ହୁଜୁର ଅନଓ୍ୱର[ଅ.ବ] କହିଲେ; ବଳିଦାନ ଦେବା ବ୍ୟତୀରେକେ ସଂସାରରେ କେହି ଉନ୍ନତି କରିପାରିବ ନାହିଁ । ବଳିଦାନ ଦେଲେ ହିଁ ଅଗ୍ରଗତି ଓ ପ୍ରଗତି କରିବ । ତେଣୁ ଆପଣଙ୍କୁ ବଳିଦାନ ଦେବାକୁ

ପଡ଼ିବ । କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ ଏବଂ (ତଦନୁଯାୟୀ) କାର୍ଯ୍ୟ କରନ୍ତୁ । କର୍ମଚାରୀମାନେ ଏକତ୍ର ବିଚାର ବିମର୍ଶ କରି ସମାଧାନ ବାହାର କରନ୍ତୁ କି ଏହା କିପରି କରାଯିବ । ନିରନ୍ତର ଯୋଗାଯୋଗ କରିବାକୁ ପଡ଼ିବ । ପ୍ରଥମ କଥା ଏହିକି ଯେ, ପ୍ରଭୁଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତୁ । ନମାଜଗୁଡ଼ିକର ଅଭ୍ୟାସ ପକାନ୍ତୁ ଏବଂ ପବିତ୍ର କୁରଆନ (ନିୟମିତ ରୂପେ) ପଠନ କରିବାର ଅଭ୍ୟାସ କରନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୩୦ଜୁନ୍ ୨୦୦୬ ମସିହା)

**୭ମେ ୨୦୦୬ମସିହା: ଜାତୀୟ ମଜଲିସ୍ ଆମିଲା ନିଉଜ୍‌ଲ୍ୟାଣ୍ଡ ସହିତ ହୁଜୁର ଅନଓ୍ୱର [ଅ.ବ]ଙ୍କର ସାକ୍ଷାତ–**

ତରବିୟ୍ୟତ୍ ସଚିବ ସୂଚିତ କଲେ, ଯେ ପ୍ରତି ମାସରେ ଗୋଟିଏ ତରବିୟ୍ୟତୀ ଜଲ୍‌ସା ଅନୁଷ୍ଠିତ ହେଉଅଛି । ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁମାନେ ଆପଣଙ୍କ ଜଲ୍‌ସାଗୁଡ଼ିକରେ ସାମିଲ ହେଉ ନାହାନ୍ତି, ସେମାନଙ୍କ ନିମନ୍ତେ କ'ଣ କରିଛନ୍ତି ? ତରବିୟ୍ୟତ୍ ସଚିବ ଉତ୍ତର ଦେଲେ ଆମ୍ଭେ ଘରଗୁଡ଼ିକର ଭିଜିଟ୍ (ପରିଦର୍ଶନ) କରୁଛୁ ଏଥିପ୍ରତି ସେମାନଙ୍କର ଧ୍ୟାନ ଆକର୍ଷିତ କରାଉଅଛୁ ଏବଂ ଏହି କଥାର ସମୀକ୍ଷା ମଧ୍ୟ କରୁଅଛୁ କି କେତେଗୋଟି ନମାଜ ପାଠ କରୁଛନ୍ତି ତଥା ହୁଜୁର ଅନଓ୍ୱର [ଅ.ବ]ଙ୍କ ଖୁତ୍‌ବାଗୁଡ଼ିକ ଶୁଣୁଛନ୍ତି । ଏହିପରି କେତେକ ଲୋକ ଜଲ୍‌ସା (ସଭା) ଗୁଡ଼ିକରେ ଆସିବା ଆରମ୍ଭ କରିଦେଲେଣି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନମାଜଗୁଡ଼ିକ (ପାଠ କରିବା) ସଙ୍ଗେସଙ୍ଗେ ପବିତ୍ର କୁରଆନର ଆବୃତ୍ତି କରିବାର ମଧ୍ୟ ଆତ୍ମସମୀକ୍ଷା କରନ୍ତୁ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହିକଥାର ମଧ୍ୟ ସମୀକ୍ଷା କରନ୍ତୁ ଯେ, ଡ଼ିଶଗୁଡ଼ିକ ତ ଲାଗିଯାଇଛି କିନ୍ତୁ ଏପରି କେତେ ଲୋକ ଓ ପରିବାର ରହିଛନ୍ତି, ଯେ ଖୁତ୍‌ବାଗୁଡ଼ିକ ଶୁଣୁଛନ୍ତି । ତାହାର ରିପୋର୍ଟ ପ୍ରତି ମାସରେ ଆସିବା ଉଚିତ୍ ଯେ, କେତେଜଣ ଖୁତ୍‌ବାଗୁଡ଼ିକ ଶୁଣୁଛନ୍ତି

ଏବଂ ଅନ୍ୟ କାର୍ଯ୍ୟକ୍ରମ ମଧ୍ୟ ଶୁଣୁଛନ୍ତି ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୩୦ ଜୁନ୍ ୨୦୦୬ ମସିହା)

**୧୩ ମେ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଜାପାନ ସହିତ ହୁଜୁର ଅନଓ୍ଵର ଅ.ବଙ୍କର ସାକ୍ଷାତ-**

ହୁଜୁର ଅନଓ୍ଵରଅ.ବ କହିଲେ; ପ୍ରତ୍ୟେକ ମାସରେ ଗୋଟିଏ ସାକ୍ଷାତ ତରବିୟତ୍ ବିଷୟ ଉପରେ ବିଶେଷ କରି ନମାଜଗୁଡ଼ିକ ପାଠ କରିବା ପ୍ରସଙ୍ଗରେ ହେବା ଉଚିତ୍ ଏବଂ ନିରୀକ୍ଷଣ କରିବା ଉଚିତ୍ ଯେ, ନମାଜ ପାଠ କରିବା ସମ୍ବନ୍ଧରେ ଜମାଅତ କେଉଁ ଗୁରୁତ୍ୱପୂର୍ଣ୍ଣ ହିତୋପଦେଶ ଦେଇଛି ଏବଂ ପ୍ରୟାସ କରିଛି ତଦ୍ୱାରା ଫଳାଫଳ କ'ଣ ଉଦ୍ଧୃତ ହେଲା । ଅଧିକନ୍ତୁ ହୁଜୁର ଅନଓ୍ଵରଅ.ବ ମୁବଲ୍ଲିଗ୍‌ମାନଙ୍କୁ ନିର୍ଦ୍ଦେଶ ଦେଇ କହିଲେ; ଆପଣଙ୍କର ପ୍ରତ୍ୟେକ ଚତୁର୍ଥ ଖୁତ୍‌ବା ତରବିୟତ୍ ଉପରେ ପର୍ଯ୍ୟବସିତ ହେବା ଉଚିତ୍ । ତଥା ପ୍ରତ୍ୟେକ ଷଷ୍ଠ ଖୁତ୍‌ବା ଅର୍ଥଦାନ ଉପରେ ଆଧାରିତ ହେବା ଉଚିତ୍ ।* ମହାମହିମ ହୁଜୁର ଅନଓ୍ଵରଅ.ବ ନିର୍ଦ୍ଦେଶ ଦେଲେ ଯେ, ଏହା ମଧ୍ୟ ନିରୀକ୍ଷଣ କରନ୍ତୁ ଯେ, ଏମ.ଟି.ଏ ଦ୍ୱାରା କେତେ ଲୋକ ଖୁତ୍‌ବାଗୁଡ଼ିକ ଶୁଣୁଛନ୍ତି, କହିଲେ; ଏହାର ରିପୋର୍ଟ ସଂଗ୍ରହ କରନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୩୦ଜୁନ୍ ୨୦୦୬ ମସିହା)

---

✶ ୨୦୧୨ମସିହାରେ ଏହି ପରିପ୍ରେକ୍ଷୀରେ ହୁଜୁର ଅନଓ୍ଵର ଅ.ବଙ୍କ ଉପଦେଶ ସମ୍ମାନିତ ନାଜର ସାହେବ ଆଲା (ମୂଖ୍ୟ ସଚିବ) କାଦିୟାନ୍‌ଙ୍କ ନାମରେ ପ୍ରାପ୍ତ ହେଲା ଯେ, ଭାରତର ସମସ୍ତ ଜମାଅତଗୁଡ଼ିକରେ ନିଯୁକ୍ତ ମୁଅଲ୍ଲିମ୍ ଓ ମୁବଲ୍ଲିଗ୍‌ମାନଙ୍କୁ ଏହି ନିର୍ଦ୍ଦେଶ ପ୍ରେରଣ କରିଦିଅନ୍ତୁ ଯେ ଭବିଷ୍ୟତରେ ସେମାନେ ପ୍ରତ୍ୟେକ ଖୁତ୍‌ବା ଜୁମା ଅବସରରେ ଉପସ୍ଥିତ ଖଲିଫାଙ୍କ ତହୁଁପୂର୍ବ ଖୁତ୍‌ବା ଜୁମାର ସାରାଂଶ ପାଠ କରି ଶୁଣାଇବେ ।

(ପ୍ରାମାଣ୍ୟ- QDN-3307/29.8.2012)

**୭ଜୁନ୍ ୨୦୦୬ମସିହା: ଜମାଅତ ଅହେମଦିୟା ଜର୍ମାନୀର ଜାତୀୟ ମଜଲିସ୍ ଆମିଲା ସହିତ ହୁଜୁର ଅନଓ୍ୱର ଅ.ବଙ୍କର ସାକ୍ଷାତ–**

ସାକ୍ଷାତକାରରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କେତେକ ବିଭାଗର ନିରୀକ୍ଷଣ କଲେ ଓ ବିଭିନ୍ନ ତରବିୟତୀ ଏବଂ ପ୍ରଶାସନିକ ମାମଲା ପ୍ରସଙ୍ଗରେ ବହୁ ମୂଲ୍ୟବାନ ଉପଦେଶ ପ୍ରଦାନ କଲେ ଏବଂ ସେମାନଙ୍କ ଦୁର୍ବଳତାଗୁଡ଼ିକ ଦୂର କରିବା ପ୍ରତି ଧ୍ୟାନ ଆକର୍ଷିତ କରାଇଲେ । ହୁଜୁର ଅନଓ୍ୱରଅ.ବଙ୍କ ନିର୍ଦ୍ଦେଶାବଳୀ ଓ ଉପଦେଶଗୁଡ଼ିକର ସାରାଂଶ ନିମ୍ନରେ ଉଲ୍ଲେଖିତ–

ହୁଜୁର ଅନଓ୍ୱରଅ.ବ କହିଲେ; ପଦବୀଗୁଡ଼ିକୁ ସେବା ବୋଲି ବିଚାର କରି ନିର୍ବାହ କରନ୍ତୁ ଏବଂ ଅଧିକାରୀ ବଦଳରେ ସେବକର ଭାବନା ନିଜ ହୃଦୟରେ ଉତ୍ପନ୍ନ କରନ୍ତୁ । ଏହି ଅବସରରେ ହୁଜୁର ସ୍ୱର୍ଗତ ମୀର ଦାଉଦ୍ ଅହେମଦ୍ ସାହେବଙ୍କ ଉଦାହରଣ ଦେଲେ ଯେ, ସେ ବାର୍ଷିକ ଧର୍ମ ସମ୍ମିଳନୀରେ ନିଜ ଟାଇଟଲ୍ (ଉପାଧି) ଅର୍ଥାତ୍ 'ବାର୍ଷିକ ଧର୍ମ ସମ୍ମିଳନୀ ସର୍ବୋଚ୍ଚ ଅଧିକାରୀ'କୁ ବଦଳାଇ 'ବାର୍ଷିକ ଧର୍ମ ସମ୍ମିଳନୀର ସେବକ' ଲେଖିବା ଆରମ୍ଭ କରିଦେଲେ ।

ହୁଜୁର ଅନଓ୍ୱରଅ.ବ ଅଧିକାରୀମାନଙ୍କ ବିରୁଦ୍ଧରେ ଅଭିଯୋଗଗୁଡ଼ିକର ସମୀକ୍ଷା କରିବାର କାର୍ଯ୍ୟ ପ୍ରଣାଳୀ ବ୍ୟାଖ୍ୟା କରି କହିଲେ; ଏପରି ଅଭିଯୋଗଗୁଡ଼ିକ ଉପରେ କମିଟି ଗଠନ କରିବା ପରିବର୍ତ୍ତେ ଚିଠି ମାଧ୍ୟମରେ ଗୁପ୍ତ ରଖି ଅଧିକାରୀମାନଙ୍କୁ ପଚାରିବା ଉଚିତ୍ ଯେ, ଆପଣ ତ ଏଥିରେ ଜଡ଼ିତ ନାହାନ୍ତି ଏବଂ ପୁଣି ଅଧିକାରୀମାନଙ୍କୁ ଆବଶ୍ୟକ ଯେ, ସେମାନେ ନିଜର ସମୀକ୍ଷା (ଜାଞ୍ଚ) କରନ୍ତୁ । ଯଦି ସେମାନେ ଅଭିଯୋଗଗୁଡ଼ିକ ଅନ୍ତର୍ଗତ ଆସୁଛନ୍ତି ତେବେ ନିଜର ଇସଲାହ୍ (ସୁଧାର) କରି ନିଅନ୍ତୁ । ଯଦ୍ଦ୍ୱାରା ସେମାନଙ୍କର କିମ୍ବା ସେମାନଙ୍କ ସନ୍ତାନମାନଙ୍କର କୌଣସି କାର୍ଯ୍ୟକଳାପ ଯୋଗୁଁ ଜମାଅତର ପ୍ରତିଷ୍ଠାକୁ ଧକ୍କା ନଲାଗେ । ଆଉ ଯଦି ଚେଷ୍ଟା କରିବା ସତ୍ତ୍ୱେ ସେମାନେ ନିଜର ଏବଂ ନିଜ ଘର ଲୋକଙ୍କର କୌଣସି ସଂଶୋଧନ କରି ନପାରନ୍ତି ତେବେ

ଧର୍ମପରାୟଣତା ଦୃଷ୍ଟିରୁ ଏହା ଅନିବାର୍ଯ୍ୟ ଯେ, ଆପଣ ସେହି ପଦ (ସେବା)ରୁ ଇସ୍ତଫା ଦେଇଦିଅନ୍ତୁ । ହୁଜୁର ଅନଓ୍ୱର[ଅ.ବ] ପଦପଦବୀର ମର୍ଯ୍ୟାଦା ରକ୍ଷା କରିବା ପ୍ରତି ବିଶେଷ ଧ୍ୟାନ ଆକର୍ଷିତ କରାଇ କହିଲେ; ନିଜ ଉଚ୍ଚାଧିକାରୀଙ୍କର ସମ୍ମାନ ଓ ସେମାନଙ୍କ ଆଜ୍ଞାପାଳନ କରିବା ଅତ୍ୟନ୍ତ ଜରୁରୀ । ଅଧିକନ୍ତୁ କହିଲେ; ଯଦି ଆପଣଙ୍କୁ ନିଜ ପଦାଧିକାରୀ କୌଣସି ଦାୟିତ୍ୱ ଭାର ଦିଅନ୍ତି ଏବଂ ଆପଣଙ୍କର ତାଙ୍କ ସହିତ ବିବାଦ ଓ ମତପାର୍ଥକ୍ୟ ରହିଥାଏ ତେବେ ଏହା ଅନିବାର୍ଯ୍ୟ ଯେ, ଆପଣ ପ୍ରଥମେ ଆଜ୍ଞାପାଳନ କରି ସେହି ଦାୟିତ୍ୱ ନିର୍ବାହ କରନ୍ତୁ । ସେଥିଅନ୍ତେ ଅଧିକାରୀଙ୍କୁ ସୂଚିତ କରାନ୍ତୁ ଯେ, ମୁଁ କେନ୍ଦ୍ର କିମ୍ବା ଉପସ୍ଥିତ ଖଲିଫାଙ୍କୁ ଅଭିଯୋଗ କରିବି କି ଆପଣ ଅମକ କଥା ଭୁଲ୍ କରିଛନ୍ତି ।

ହୁଜୁର ଅନଓ୍ୱର[ଅ.ବ] ଅଧିକାରୀମାନଙ୍କୁ ନିଜର ସର୍ବୋତ୍ତମ ନମୁନା ଉପସ୍ଥାପନ କରିବା ପାଇଁ ମଧ୍ୟ ଉପଦେଶ ଦେଇ କହିଲେ; କେତେକ ସମୟରେ ଅଧିକାରୀମାନଙ୍କର ନିଜସ୍ୱ ଘରୋଇ ଜୀବନ ଅନୁକରଣ ଯୋଗ୍ୟ ହୋଇ ନଥାଏ । ନିଜ ଭଉଣୀମାନେ, ଜାମାତାମାନେ, ପିଲାମାନେ ଏବଂ ପତ୍ନୀମାନଙ୍କ ସହିତ କଳହ ଓ ବିବାଦ ଲାଗି ରହିଥାଏ । ଏପରି ଦୋଷତ୍ରୁଟିଗୁଡ଼ିକୁ ମଧ୍ୟ ଦୂର କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଆଉ ଯଦି କରି ନପାରନ୍ତି ତେବେ ସ୍ୱୟଂ ନିଜକୁ ଜମାଅତର ସେବାରୁ ପୃଥକ କରି ନିଅନ୍ତୁ । ହୁଜୁର ଅନଓ୍ୱର[ଅ.ବ] ପୁଣ୍ୟ କାର୍ଯ୍ୟଗୁଡ଼ିକରେ ପରସ୍ପରର ସାହାଯ୍ୟ ସହାୟତା କରିବା ପାଇଁ ଉପଦେଶ ଦେଇ କହିଲେ; ସମସ୍ତଙ୍କର ଉଦ୍ଦେଶ୍ୟ ତ ଗୋଟିଏ ତେଣୁ ମିଳିମିଶି କାମ କରନ୍ତୁ । ଅନ୍ତଃ ବିଭାଗଗୁଡ଼ିକ ଜମାଅତର ବ୍ୟବସ୍ଥାକୁ ଦୃଢ଼ କରିବାର ମାଧ୍ୟମ ହୋଇଥାନ୍ତି ।

ହୁଜୁର ଅନଓ୍ୱର[ଅ.ବ] ଏକ ତରବିୟତୀ କଥା ପ୍ରତି ଧ୍ୟାନ ଆକର୍ଷିତ କରି କହିଲେ; ନିଜ ସଭାଗୁଡ଼ିକ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଠକଗୁଡ଼ିକର କଥାକୁ ଗୋପନ ରଖନ୍ତୁ । ଏହା ଏକ ମୌଳିକ ପ୍ରସଙ୍ଗ, ସଭା ସମିତିର ମାମଲାଗୁଡ଼ିକ ଅମାନତ୍ ହୋଇଥାଏ । ତେଣୁ ସେଗୁଡ଼ିକୁ ଗୋପନ

ରଖିବା ଅନିବାର୍ଯ୍ୟ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୭ଜୁଲାଇ ୨୦୦୬ ମସିହା)

**୯ ଜୁନ୍ ୨୦୦୬ ମସିହା: ଜୁମା ଖୁତ୍‌ବାରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ–**

ଏହିପରି ଅମୀର୍‌ମାନଙ୍କୁ ଏବଂ କେନ୍ଦ୍ରୀୟ ଅଧିକାରୀମାନଙ୍କୁ ମଧ୍ୟ ମୁଁ କହୁଛି ଯେ, ଯଦି ସେମାନେ ଚାହୁଁଛନ୍ତି କି ଜମାଅତର ସାହାଯ୍ୟ ଓ ଆଜ୍ଞାପାଳନର ସ୍ତର ଉଚ୍ଚତର ହେଉ ତେବେ ନିଜେ ଉପସ୍ଥିତ ଖଲିଫାଙ୍କ ନିଷ୍ପତ୍ତିଗୁଡ଼ିକର ଅନୁପାଳନ ଏପରି କରନ୍ତୁ ଯେପରି ହୃଦୟର ସ୍ପନ୍ଦନ ସହିତ ଧମନୀ କାର୍ଯ୍ୟରତ । ଏହି ସ୍ତର ପ୍ରାପ୍ତ ହେଲେ ହିଁ ଦେଖିପାରିବେ ଯେ, ଜଣେ ସାଧାରଣ ଅହେମଦୀ କିପରି ଆଜ୍ଞାପାଳନ କରୁଅଛି ।

ତେଣୁ ପ୍ରତ୍ୟେକ ସ୍ତରରେ ଯେଉଁ ଅଧିକାରୀ ଯଦିଓ ସେମାନେ ସ୍ଥାନୀୟ ଆମଲା ସଦସ୍ୟ କିମ୍ବା ସଦର୍ ଜମାଅତ୍ ହୁଅନ୍ତୁ, ଆଞ୍ଚଳିକ ଅମିର୍ ହୁଅନ୍ତୁ କିମ୍ବା କେନ୍ଦ୍ରୀୟ ଆମଲାର ସଦସ୍ୟ କିମ୍ବା ଅମିର୍ ଜମାଅତ୍ ହୁଅନ୍ତୁ । ନିଜର ଚିନ୍ତାଧାରାକୁ ଏପରି ସ୍ତରକୁ ଆଣନ୍ତୁ ଯାହା ହଜରତ ମସିହ ମଉଦ[ଅ.ସ] ନିର୍ଦ୍ଧାରଣ କରିଛନ୍ତି ଯେ, ନିଜର ଓ ନିଜ କାମନାଗୁଡ଼ିକର ତଥା ଅହଂଭାବର ବଳି ଦେଇ ଦିଅନ୍ତୁ ।

ଏଠାରେ ମୁଁ ମୁରବୀ ଓ ମୁବଲ୍ଲିଗ୍‌ମାନଙ୍କର ଆଉ ଏକ ପ୍ରସଙ୍ଗ ଆଡ଼କୁ ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି । ଯଦି ଅମୀର୍‌ଙ୍କ ମଧ୍ୟରେ କିମ୍ବା ଅଧିକାରୀଙ୍କ ମଧ୍ୟରେ ଏପରି କୌଣସି କଥା ଦେଖ ଯାହାକି ଜମାଅତୀ ପରମ୍ପରା ବିପରୀତ ହୋଇଥାଏ ତେବେ ଅଧିକାରୀମାନଙ୍କୁ ଏବଂ ଅମୀର୍‌ଙ୍କୁ ଏକାନ୍ତରେ ବୁଝାସୁଝା କରାନ୍ତୁ । ତଥାପି ଯଦି ସେହି ଅଧିକାରୀ କିମ୍ବା ଅମୀର୍ ନିଜ କଥାକୁ ଗୁରୁତ୍ୱ ଦେଇ ଅଡ଼ି ବସନ୍ତି ଏବଂ ଆପଣ ଏହା ମଣନ୍ତି କି ଏତଦ୍ ଦ୍ୱାରା ଜମାଅତୀୟ ସ୍ୱାର୍ଥ ପ୍ରଭାବିତ ହେଉଅଛି ତେବେ ପୁଣି ଉପସ୍ଥିତ ଖଲିଫାଙ୍କୁ ସୂଚିତ କରାନ୍ତୁ କିନ୍ତୁ ଏହି ଭାବନା କଦାପି ଜମାଅତରେ ପରିବ୍ୟାପ୍ତ ହେବା ଉଚିତ୍ ନୁହେଁ ଯେ,

ମୁବଲ୍ଲିଗ୍ ଓ ଅମୀର୍‌ଙ୍କ ମଧ୍ୟରେ ସଠିକ୍ ବୁଝାମଣା ନାହିଁ କିମ୍ବା ପରସ୍ପରର ସାହାଯ୍ୟ ସହଯୋଗ ମନୋଭାବ ନାହିଁ ।

**ଦ୍ୱିତୀୟତଃ** ଏହା ମଧ୍ୟ ମୁରବୀମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, କଦାପି ଜମାଅତରେ କୌଣସି ବ୍ୟକ୍ତି ମନରେ ମୁବଲ୍ଲିଗ୍‌ଙ୍କ ପ୍ରତି ଏହି ଭାବନା ଉଦ୍ରେକ ହେବା ଉଚିତ୍ ନୁହେଁ ଯେ, ଅମକ ବ୍ୟକ୍ତି ସହିତ ଅମକ ମୁରବୀ ଅବା ମୁବଲ୍ଲିଗ୍‌ର ବେଶ ଘନିଷ୍ଠ ସମ୍ପର୍କ ରହିଛି । ମୁରବୀ, ମୁବଲ୍ଲିଗ୍ କିମ୍ବା କୌଣସି କେନ୍ଦ୍ରୀୟ ଅଧିକାରୀଙ୍କର କାର୍ଯ୍ୟ ଯେ, ସେ ସ୍ୱୟଂକୁ ପ୍ରତ୍ୟେକ କ୍ଷେତ୍ରରୁ ପୃଥକ ରଖି ପ୍ରତ୍ୟେକ ସମ୍ପର୍କକୁ ପଛରେ ଛାଡ଼ି ଜମାଅତର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବା, ତାଙ୍କର ପରମ କର୍ତ୍ତବ୍ୟ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୩୦ଜୁନ୍ ୨୦୦୬ ମସିହା)

**୯ ଜୁନ୍ ୨୦୦୬ ମସିହା: ଲଜ୍‌ନା ଇମାଇଲ୍ଲାଃ ଜର୍ମାନୀର ଜାତୀୟ ମଜଲିସ୍ ଆମିଲା ସହିତ ହୁଜୁର ଅନଓ୍ୱର [ଅ.ବ] ଙ୍କର ସାକ୍ଷାତ-**

ହୁଜୁର ଅନଓ୍ୱର[ଅ.ବ] ପୁନର୍ବାର ପର୍ଦାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଲେ; ଯୁବତୀମାନଙ୍କୁ ବୁଝାଇ ଦିଅନ୍ତୁ ଯେ, ସେମାନେ ଏହି କଥାକୁ ଗଣ୍ଠି କରିନେବେ କି ଆପଣମାନେ ଏଥି ସକାଶେ ପର୍ଦା କରିବାର ଅଛି, କି ଏହା ପରମେଶ୍ୱରଙ୍କ ଆଦେଶ । ଅଧିକନ୍ତୁ କହିଲେ; ଯଦି (ଆପଣମାନେ) ଜମାଅତର ପରମ୍ପରା ଉପରେ ପ୍ରତିଷ୍ଠିତ ରହିବେ ତେବେ କୌଣସି ଜଟିଳତା ଉତ୍ପନ୍ନ ହେବ ନାହିଁ ଏବଂ ଏଥିରୁ ହିଁ ପୁଣି ପ୍ରଚାରର ରାସ୍ତାଗୁଡ଼ିକ ଉନ୍ମୁକ୍ତ ହୋଇଯିବ । ହୁଜୁର ଅନଓ୍ୱର[ଅ.ବ] ଆହୁରି କହିଲେ; କେତେକ ଯୁବତୀମାନେ ପାକିସ୍ତାନରୁ ବିବାହ କରି ଏଠାକୁ ଆସୁଛନ୍ତି । ସେଠାରେ ସେମାନେ ପର୍ଦା ଅର୍ଥାତ୍ ବୁର୍କା ପରିଧାନ କରୁଥିଲେ କିନ୍ତୁ ଏଠାକୁ ଆସିବା ମାତ୍ରେ ସେଥିରୁ ବିରତ ହୋଇଯାଉଛନ୍ତି । ମନେରଖ ଏହା ନିର୍ଲଜତା, ଏହା ବ୍ୟକ୍ତିଗତ ଜଟିଳତା ଯୋଗୁଁ ମଧ୍ୟ ହୋଇପାରେ, ଅବା ସ୍ୱାମୀଙ୍କ କହିବା ଦ୍ୱାରା ମଧ୍ୟ ହୋଇପାରେ । ଯଦି ଜଣେ ଜର୍ମାନୀ

ମହିଳା ଅହେମଦୀ ହେବା ପରେ ଶିଷ୍ଟ ଓ ସଭ୍ୟ ପୋଷାକ ପରିଧାନ କରି ଆସିପାରନ୍ତି ତେବେ ଏମାନଙ୍କୁ ସମ୍ପୂର୍ଣ୍ଣ ପର୍ଦା କରିବାରେ ଅସୁବିଧା କ'ଣ ? ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି Text Messagର ପ୍ରଥା ଆରମ୍ଭ ହୋଇଗଲାଣି । ଏହା ମଧ୍ୟ ପରିଚିତମାନଙ୍କ ବ୍ୟତୀତ ଅନ୍ୟମାନଙ୍କ ସହିତ ହେବା ଉଚିତ୍ ନୁହେଁ । କେତେକ ସମୟରେ ସାଙ୍ଗ ସାଥୀମାନେ ଆଗକୁ ନମ୍ବର ଦେଇ ଦିଅନ୍ତି । ତେଣୁକରି ଏହି ବିଷୟ ପ୍ରତି ମଧ୍ୟ ଧ୍ୟାନ ରଖିବା ଆବଶ୍ୟକ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୭ଜୁଲାଇ ୨୦୦୬ ମସିହା)

**୧୦ ଜୁନ୍ ୨୦୦୬ ମସିହା: ଖୁଦ୍ଦାମୁଲ୍ ଅହେମଦିୟା ଜର୍ମାନୀର କାଏଦ, ଆଂଚଳିକ କାଏଦମାନଙ୍କ ସହିତ ଏବଂ ଜାତୀୟ ମଜଲିସ୍ ଆମିଲା ସହିତ ହୁଜୁର ଅନଓ୍ୱର [ଅ.ବ]ଙ୍କର ସାକ୍ଷାତ-**

ହୁଜୁର ଅନଓ୍ୱର[ଅ.ବ] ତରବିୟତ୍ ପରିଚାଳକଙ୍କୁ କହିଲେ; ଖୁଦ୍ଦାମ୍‌ମାନଙ୍କ ଝଗଡ଼ା ଦୂର କରିବା ନିମନ୍ତେ ଉପଦେଶ ଦେବା ଜାରି ରଖନ୍ତୁ । ଅନେକ ଲୋକ ବାହାରେ ଭଲ ହୋଇଥାନ୍ତି କିନ୍ତୁ ନିଜ ଘର ପରିବେଶକୁ ଖରାପ କରି ରଖିଥାନ୍ତି । କହିଲେ; ଯାହାର ତରବିୟତ୍ କରିବା ମୂଳ ଲକ୍ଷ୍ୟ ରହିଥାଏ ତାହାର ଭଲ ସାଙ୍ଗ ଖୋଜି ତାହାର ଅବସ୍ଥା ସଂଶୋଧନ କରିବାକୁ ଚେଷ୍ଟା କରନ୍ତୁ । ଆହୁରି କହିଲେ; ଏହାର ଉଦ୍ଦେଶ୍ୟ ଏହିକି ଯେ, ଲୋକମାନଙ୍କର ସଂଶୋଧନ ହେଉ ଏବଂ ସେମାନଙ୍କୁ ଜମାଅତୀୟ ବ୍ୟବସ୍ଥା ସହିତ ଜଡ଼ିତ କରି ଦିଆଯାଉ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୭ଜୁଲାଇ ୨୦୦୬ ମସିହା)

**୧୪ ଜୁନ୍ ୨୦୦୬ ମସିହା- ଜାତୀୟ ମଜଲିସ୍ ଆମିଲା ଅନ୍‌ସାରୁଲ୍ଲାଃ ଜର୍ମାନୀ ସହିତ ହୁଜୁର ଅନଓ୍ୱର [ଅ.ବ]ଙ୍କର ସାକ୍ଷାତ-**

ହୁଜୁର ଅନଓ୍ୱର[ଅ.ବ] ତରବିୟତ୍ ବିଭାଗ ଏବଂ ପବିତ୍ର କୁରଆନ ଶିକ୍ଷାର ସମୀକ୍ଷା କରିବା ସମୟରେ ପଚାରିଲେ ପ୍ରଥମେ ମସଜିଦ୍‌ଗୁଡ଼ିକ

ଏବଂ ନମାଜ ସେଣ୍ଟରଗୁଡ଼ିକର ପ୍ରକୃତ ସଂଖ୍ୟା ହାସଲ କରନ୍ତୁ । ପୁଣି ଏହା ଦେଖନ୍ତୁ ଯେ, କେତେଗୋଟି ମସଜିଦ୍‌ରେ ସାମୂହିକ ନମାଜ ପାଠ କରିବାର ବ୍ୟବସ୍ଥା ହେଉଛି ଏବଂ ପ୍ରତ୍ୟେକ ସ୍ଥାନରେ ଅତି କମ୍‌ରେ ଦୁଇଗୋଟି ନମାଜ ତ ବାଜମାଅତ୍ (ନମାଜ ପାଠ) ହେବା ଉଚିତ୍ । ହୁଜୁର ଅନଓ୍ୱର ଅ.ବଙ୍କ ସମ୍ମୁଖରେ ଏହି ତଥ୍ୟ ପ୍ରଦାନ କରାଗଲା ଯେ, ମାର୍ଚ୍ଚ ମାସରେ ଆମ୍ଭେ ତରବିୟତ୍ ସପ୍ତାହ ପାଳନ କରିଥିଲୁ ଏବଂ ଅପ୍ରେଲ୍ ମାସର ରିପୋର୍ଟଗୁଡ଼ିକରୁ ଜଣା ପଡ଼ିଛି ଯେ, ନମାଜ ପାଠକାରୀ ତଥା ପବିତ୍ର କୁରଆନ ପାଠକାରୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ହୁଜୁର କହିଲେ; ଏବେ ପୁନର୍ବାର ରିପୋର୍ଟ ମାଗନ୍ତୁ ଏବଂ ଦେଖନ୍ତୁ ଯେ, ଏହି ପରିବର୍ତ୍ତନ କ'ଣ କେବଳ ତରବିୟତ୍ ସପ୍ତାହ ଅବଧିରେ ଥିଲା କିମ୍ବା ପରେ ମଧ୍ୟ ଜାରି ରହିଛି । ଅନସାର୍‌ମାନଙ୍କୁ ପିଲାମାନଙ୍କ ତରବିୟତ୍ ପ୍ରତି ଧ୍ୟାନ ଦେବା ପ୍ରସଙ୍ଗରେ ହୁଜୁର ଅନଓ୍ୱରଅ.ବ କହିଲେ; ସଫେ ଦୋମ୍ (ଦ୍ୱିତୀୟ ଧାଡ଼ି)ର ଅନସାର୍‌ମାନଙ୍କ ମଧ୍ୟରୁ ଅନେକଙ୍କର ପିଲାମାନେ ସ୍ୱଳ୍ପ ବୟସ୍କ ଅଛନ୍ତି । ପିଲାମାନଙ୍କର ଭଲ ତରବିୟତ୍ କରନ୍ତୁ ଯଦ୍ଦ୍ୱାରା ସେମାନେ ଶିଷ୍ଟାଚାରୀ ଓ ଚରିତ୍ରବାନ ହୋଇପାରିବେ । ଅମୀର୍ ସାହେବଙ୍କ ଅନୁମତିକ୍ରମେ ପୁନର୍ବାର ହୁଜୁର ଅନଓ୍ୱରଅ.ବ ପରବର୍ତ୍ତୀ ପିଢ଼ିକୁ ଜମାଅତୀୟ ବ୍ୟବସ୍ଥା (ସଙ୍ଗଠନ) ସହିତ ସଂଶ୍ଳିଷ୍ଟ କରିବା ନିମନ୍ତେ ଅନସାର୍‌ମାନଙ୍କୁ ଉପଦେଶ ଦେଲେ ଯେ, ପିଲାମାନଙ୍କ ତରବିୟତ୍ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୪ଜୁଲାଇ ୨୦୦୬ ମସିହା)

**୫ ମେ ୨୦୦୬ ମସିହା: ଜାତୀୟ ମଜଲିସ୍ ଆମିଲା ଖୁଦ୍ଦାମୁଲ୍ ଅହେମଦିୟା ଅଷ୍ଟ୍ରେଲିଆ ସହିତ ହୁଜୁର ଅନଓ୍ୱର ଅ.ବଙ୍କର ସାକ୍ଷାତ-**

ତରବିୟତ୍ ସେକ୍ରେଟାରୀ (ସଚିବ)ଙ୍କୁ ହୁଜୁର ଅନଓ୍ୱରଅ.ବ ପଚାରିଲେ ଏହି ପରିପ୍ରେକ୍ଷୀରେ କି ପଦକ୍ଷେପ ଗ୍ରହଣ କରିଛନ୍ତି । ସେକ୍ରେଟାରୀ ସାହେବ ଉତ୍ତର ଦେଲେ, ତରବିୟତ୍ ସେମିନାର୍‌ର ଏକ ଧାରାବାହିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ।

ପୁନଶ୍ଚ ହୁଜୁର ଅନଓ୍ୱର[ଅ.ବ] ପଚାରିଲେ ଯଦି ଜମାଅତଗୁଡ଼ିକରେ ଆପଣଙ୍କର ତରବିୟତ୍ ସେକ୍ରେଟାରୀବୃନ୍ଦ ସକ୍ରିୟ ରହିଛନ୍ତି ତେବେ ଆପଣ ସହଜରେ ମତାମତ ପ୍ରାପ୍ତ କରିପାରିବେ । ଅଧିକନ୍ତୁ କହିଲେ; ନିଜ ତରବିୟତ୍ ସଚିବମାନଙ୍କୁ ସକ୍ରିୟ କରନ୍ତୁ ।

ତରବିୟତ୍ ସଚିବ "ଜାତୀୟ ସଂଶୋଧନ କମିଟି"ର କାର୍ଯ୍ୟ ବିଷୟରେ ମଧ୍ୟ ସୂଚନା ପ୍ରଦାନ କଲେ । ହୁଜୁର ଅନଓ୍ୱର[ଅ.ବ] କହିଲେ; ଯଦି କେନ୍ଦ୍ରରେ ଏବଂ ଜମାତଗୁଡ଼ିକରେ ସଂଶୋଧନ କମିଟି ପରିଶ୍ରମୀ ଓ ସକ୍ରିୟ ହୋଇଥିବ ତେବେ କୌଣସି ବୈବାହିକ ସମସ୍ୟା ଉପୁଯିବ ହିଁ ନାହିଁ । ଯାହାକି ଆଜିକାଲି ଅତ୍ୟଧିକ ହୋଇଗଲାଣି ।

ହୁଜୁର ଅନଓ୍ୱର[ଅ.ବ] ପଚାରିଲେ ସଂଶୋଧନ କମିଟିରେ ପୂର୍ବ ବର୍ଷଗୁଡ଼ିକରେ ଯେଉଁ ମାମଲାଗୁଡ଼ିକ ଆସିଥିଲା ଏବଂ ଚଳିତ ବର୍ଷ ଯେଉଁସବୁ ମାମଲା ଆସିଛି କ'ଣ ତାହାର ସଂଖ୍ୟାରେ ବୃଦ୍ଧି ଘଟିଛି ନା ହ୍ରାସ ଘଟିଛି ।

ହୁଜୁର ଅନଓ୍ୱର [ଅ.ବ]ଙ୍କ ସମ୍ମୁଖରେ ରିପୋର୍ଟ ଉପସ୍ଥାପନ କରି ଜଣାଇ ଦିଆଗଲା ଯେ, ଯେଉଁସବୁ ମାମଲା ଆସିଅଛି, ସେଗୁଡ଼ିକ ଚେତାବନୀ ଅଟେ । ଚିନ୍ତାର କାରଣ ଯେ, ତାହା ପ୍ରତି ମାସରେ ଆସୁଅଛି । ହୁଜୁର ଅନଓ୍ୱର[ଅ.ବ] କହିଲେ; କେତେକ ମାମଲା ଉମୁରେ ଆମା ଓ ମୁବଲ୍ଲିଗ୍‌ମାନଙ୍କ ଜ୍ଞାତସାରରେ ଥିବ । ଏହି ବିଷୟରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରାପ୍ତ କରନ୍ତୁ ।

(ଅଲ୍‌ଫଜଲ୍ ଇଣ୍ଟରନ୍ୟାଶନାଲ୍ ୧୫ଅଗଷ୍ଟ ୨୦୦୮ ମସିହା)

## ସୁଧାର ଓ ତରବିୟତ୍ କରିବାର ଚାରୋଟି ମୌଳିକ ମାଧ୍ୟମ-

ସମ୍ମାନନୀୟ ୱ୍କିଲ୍ ସାହେବ ତାମିଲ୍ ଓ ତନ୍‌ଫିଜ ଲଣ୍ଡନ, କାଦିୟାନ୍ ଏବଂ ଭାରତର ଜମାତର ସଦସ୍ୟମାନଙ୍କ ତରବିୟତ୍ ବିଷୟରେ ହୁଜୁର ଅନଓ୍ୱର ଅ.ବଙ୍କ ନିମ୍ନ ଲିଖିତ ନିର୍ଦ୍ଦେଶ ପ୍ରେରଣ କଲେ ଯେଉଁଥିରେ ଦର୍ଶାଯାଇଛି; ଯେ ଜାମାଅତୀ ସ୍ତରରେ ଯେଉଁ ନିଷ୍ପତ୍ତି ନିଆଯାଇଛି ସେଗୁଡ଼ିକର ପାଳନ ତତ୍ପରତାର ସହିତ କରାଯିବାର ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହେବା ଆବଶ୍ୟକ । କିନ୍ତୁ ଗତ ପଚିଶ ବର୍ଷ ହେଲା କାଦିୟାନର ଲୋକମାନଙ୍କ ମଧ୍ୟରେ ଏହି ଉଦାହରଣ ଦେଖାଯାଇ ନାହିଁ । ଏହି କଥନଗୁଡ଼ିକ ଏହା ପ୍ରତିଫଳିତ କରୁଅଛି ଯେ, ଆପଣମାନଙ୍କ ମଧ୍ୟରୁ କେହି ହେଲେ ସେମାନଙ୍କ ତରବିୟତ୍ ବିଷୟରେ ନିଜର ଦାୟିତ୍ୱ ତୁଲାଇ ନାହାନ୍ତି । ନା ନଜାରତ୍ ଇସଲାହ ଇରଶାଦ୍ ନା ସାଧାରଣ ସଭାପତି, ନା ଖୁଦ୍ଦାମୁଲ୍ ଅହେମଦିୟା ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି । ଆଉ ନା ସେମାନଙ୍କ ମଧ୍ୟରେ ଆଜ୍ଞାପାଳନ କରିବାର ଉତ୍ସାହ ସୃଷ୍ଟି କରିଛନ୍ତି । ଅଲ୍ଲାଃତାଲା ଆପଣମାନଙ୍କ ଅବସ୍ଥା ଉପରେ ଦୟା କରନ୍ତୁ, ନିଜ ଦାୟିତ୍ୱଗୁଡ଼ିକୁ ସଠିକ୍ ରୂପରେ ପୂରଣ କରିବା ଏବଂ ସେଠାକାର ଲୋକମାନଙ୍କ ତରବିୟତ୍ କରିବାର ଶକ୍ତି ପ୍ରଦାନ କରନ୍ତୁ ।

(ଦ୍ରଷ୍ଟବ୍ୟ- WTT-7947/17.7.2015)

ହୁଜୁର ଅନଓ୍ୱର ଅ.ବଙ୍କର ଏହି ଚିନ୍ତାଜନକ ନିର୍ଦ୍ଦେଶାବଳୀ ପ୍ରେରଣ କରି ମହାଶୟ ଓକିଲ୍ ସାହେବ ତାମିଲ୍ ଓ ତନଫିଜ୍ ଲଣ୍ଡନ ଲେଖିଛନ୍ତି ଯେ, ହୁଜୁର ଅନଓ୍ୱର ଅ.ବଙ୍କ ଉପରୋକ୍ତ ନିର୍ଦ୍ଦେଶ ଆପଣ ସମସ୍ତ କେନ୍ଦ୍ରୀୟ ଅଧିକାରୀମାନଙ୍କ ନିମନ୍ତେ ଚିନ୍ତାଜନକ ବିଷୟ । ଯଦି ଏହି ସମୟରେ ଭାରତର ସମସ୍ତ ଲୋକମାନଙ୍କର ତରବିୟତ୍ ନିମନ୍ତେ ଉପଯୁକ୍ତ ଓ ଆବଶ୍ୟକ ବ୍ୟବସ୍ଥା ତୁରନ୍ତ ଗ୍ରହଣ ନକରନ୍ତି ତେବେ ଏହା ଅବଶ୍ୟାମ୍ଭାବି ଯେ, ଅନ୍‌ସାରମାନଙ୍କ ସହିତ ଖୁଦ୍ଦାମ୍ ଓ ଅତଫାଲ୍‌ମାନଙ୍କ ମଧ୍ୟରେ ତରବିୟତ୍ ଦୃଷ୍ଟିକୋଣରୁ ଅନେକଗୁଡ଼ିଏ ଦୁର୍ବଳତା ରହିଯିବ ଯାହାର ଦାୟୀ

ପିତାମାତାଙ୍କ ସହିତ ଜମାଅତର କର୍ମକର୍ତ୍ତାମାନେ ମଧ୍ୟ ହେବେ । ଏହି କ୍ରମରେ ଭବିଷ୍ୟତ ପାଇଁ ହୁଜୁର ଅନଓ୍ୱର ଅ.ବ ଙ୍କ ଠାରୁ ମାର୍ଗଦର୍ଶନ ପ୍ରାପ୍ତ କରିବା ପରେ ଉଲ୍ଲେଖ କରାଯାଉଛି ଯେ,

(୧) ସମସ୍ତ କେନ୍ଦ୍ରୀୟ ମସଜିଦ୍‌ଗୁଡ଼ିକ ଏବଂ ଜମାଅତର ସାହିମାନଙ୍କରେ ରହିଥିବା ମସଜିଦ୍‌ଗୁଡ଼ିକରେ ପାଞ୍ଚବେଳା ସାମୂହିକ ନମାଜଗୁଡ଼ିକର ସମ୍ପୂର୍ଣ୍ଣ ଉପସ୍ଥିତି ସହିତ ପାଠ କରିବା ପ୍ରତି ବିଶେଷ ଧ୍ୟାନ ଦିଆଯାଉ ଏବଂ ଏହି କ୍ରମରେ ଛୋଟ ଛୋଟ ସାହି ସ୍ତରରେ ସମସ୍ତ ଜମାଅତୀ ଓ ଅନ୍ତଃ ବିଭାଗଗୁଡ଼ିକର ଓ୍ୱହଦେଦାର୍ (ଅଧିକାରୀ)ମାନେ ସମସ୍ତ ସମୀକ୍ଷା କରି ଲେଖି ରଖନ୍ତୁ କି ସାହିର କେଉଁ କେଉଁ ଲୋକମାନେ ନମାଜ ପାଠ କରିବାରେ ଅଳସୁଆମି ଅବଲମ୍ବନ କରୁଛନ୍ତି । ପୁଣି ଏପରି ସମସ୍ତ ଲୋକମାନଙ୍କୁ ସାହି ସ୍ତରରେ ଜମାଅତୀ ଓ ଅନ୍ତଃ ବିଭାଗର ଓ୍ୱହଦେଦାର୍ ବିହିତ ଏବଂ ପ୍ରଭାବଶାଳୀ ରଙ୍ଗରେ ଧ୍ୟାନ ଆକର୍ଷିତ କରାନ୍ତୁ ଏବଂ ସେହି ଓ୍ୱହଦେଦାର୍‌ଙ୍କର ଧ୍ୟାନ ଆକର୍ଷିତ କରାଇବାର ଶୈଳୀ ଏତେ ସୁନ୍ଦର ଓ ବଳିଷ୍ଠ ହେବା ଉଚିତ୍ ଯେ, ଏପରି ସମସ୍ତ ଲୋକମାନେ ନିଜ ଦୁର୍ବଳତାର ଅନୁଭବ ହେବ ଏବଂ ସେମାନେ ନିଜର ସଂଶୋଧନ କରିନେବେ । ଏହା ପରିବର୍ତ୍ତେ କି ଏପରି ପଦକ୍ଷେପ ଗ୍ରହଣ କରାଯାଉ କି ଏପରି ଲୋକମାନଙ୍କୁ ଓଲଟା ଓ୍ୱହଦେଦାର୍‌ମାନଙ୍କ ଠାରୁ କ୍ଷୁବ୍ଧ ହୋଇଯାଆନ୍ତୁ ଏବଂ ଏଥି ନିମନ୍ତେ ସର୍ବପ୍ରଥମେ ସମସ୍ତ କେନ୍ଦ୍ରୀୟ ଓ ସ୍ଥାନୀୟ ସ୍ତରର ଜମାଅତି ଓ ଅନ୍ତଃ ବିଭାଗଗୁଡ଼ିକର ଓ୍ୱହଦେଦାର୍‌ମାନଙ୍କୁ ନିଜର ଓ ନିଜ ପିଲାମାନଙ୍କର ନମୁନା ଉପସ୍ଥାପନ କରିବାକୁ ପଡ଼ିବ । ଏହା ହୋଇପାରିବ ନାହିଁ ଯେ, ଅଧିକାରୀମାନେ କିମ୍ବା ସେମାନଙ୍କର ପିଲାମାନେ ନିଜେ ନମାଜଗୁଡ଼ିକରେ ଦୁର୍ବଳ ଥାଇ ଜମାଅତର ଅନ୍ୟ ଲୋକମାନଙ୍କୁ ଏବଂ ସେମାନଙ୍କର ପିଲାମାନଙ୍କୁ ସାମୂହିକ ନମାଜ ପାଠ କରିବାର ଉପଦେଶ ଦେଉଥିବେ ।

(୨) ପ୍ରତ୍ୟେକ କେନ୍ଦ୍ରୀୟ ଓ ସାହିଗୁଡ଼ିକର ମସଜିଦ୍‌ମାନଙ୍କରେ

ଫଜର୍ ଓ ଅସର୍ ନମାଜ ପରେ ନିୟମିତ ରୂପେ ପବିତ୍ର କୁରଆନ ଓ ହଦିସ୍‌ର ଦରସ୍‌ର ଆୟୋଜନ ହେବା ଉଚିତ୍ । ସେହି ଅବସରରେ ଅଧିକରୁ ଅଧିକ ଲୋକମାନଙ୍କର ଉପସ୍ଥିତି ନିମନ୍ତେ ମଧ୍ୟ ଆଞ୍ଚଳିକ ସ୍ତରରେ ଜମାଅତୀ ଓ ଅନ୍ତଃବିଭାଗ ପ୍ରଚେଷ୍ଟା କରନ୍ତୁ ।

(୩) ଉପସ୍ଥିତ ଖଲିଫାଙ୍କ ଖୁତ୍‌ବା ଜୁମା, ଏହିପରି ଦୁଇଟି ଇଦ୍ ଓ ବିଭିନ୍ନ ଦେଶଗୁଡ଼ିକର ଜଲ୍‌ସାଗୁଡ଼ିକ ଓ ଅନ୍ତଃ ବିଭାଗଗୁଡ଼ିକର ଇଜ୍‌ତେମା ଅବସରର ଉପଦେଶଗୁଡ଼ିକ ଜମାଅତର ଲୋକମାନଙ୍କୁ ସାମୂହିକ ରୂପେ ଶୁଣାଇବା ଏବଂ ଦେଖାଇବାର ମଧ୍ୟ ଜମାଅତୀ ବ୍ୟବସ୍ଥାପକ ଦଳ ଦ୍ୱାରା ପ୍ରଭାବଶାଳୀ ବ୍ୟବସ୍ଥା ହେବା ଉଚିତ୍ । ଏଥିନିମନ୍ତେ ମଧ୍ୟ ସର୍ବ ପ୍ରଥମେ ସମସ୍ତ କେନ୍ଦ୍ରୀୟ, ଜମାଅତୀ ଓ ଅନ୍ତଃ ବିଭାଗଗୁଡ଼ିକର କର୍ମକର୍ତ୍ତାମାନଙ୍କୁ ନିଜ ପିଲାମାନଙ୍କ ସହିତ ସେହି ଅବସରଗୁଡ଼ିକରେ ଉପସ୍ଥିତ ରହି ନିଜ ନମୁନା ଉପସ୍ଥାପନ କରିବାକୁ ହେବ ଏବଂ ସେଥିଅନ୍ତେ ଜମାଅତର ଅନ୍ୟ ଲୋକମାନଙ୍କୁ ଏଥିପାଇଁ ଉତ୍ସାହିତ କରିବା ଉଚିତ୍ ।

ଭାରତ ବର୍ଷର ଜମାଅତଗୁଡ଼ିକର ସଦସ୍ୟବୃନ୍ଦଙ୍କ ତରବିୟତ୍ ନିମନ୍ତେ ଜମାଅତୀୟ ଖବରକାଗଜ ଯେପରିକି ସାପ୍ତାହିକ ବଦର୍‌ର ଉର୍ଦ୍ଦୁ ବ୍ୟତୀତ ହିନ୍ଦି ଓ ଅନ୍ୟାନ୍ୟ ସ୍ଥାନୀୟ ଭାଷାରେ ମଧ୍ୟ ସଂସ୍କରଣ ଆରମ୍ଭ ହୋଇଗଲାଣି । ସେହି ସମସ୍ତ ସଂସ୍କରଣଗୁଡ଼ିକରୁ ଜମାଅତର ଲୋକମାନେ କେତେ ମାତ୍ରାରେ ଉପକୃତ ହେଉଛନ୍ତି ତାହାର ମଧ୍ୟ ସମୀକ୍ଷା କରାଯାଉ ଏବଂ ଚେଷ୍ଟା କରାଯାଉ କି ପ୍ରତ୍ୟେକ ଘରେ ନିଶ୍ଚିତ ରୂପେ ଏହି ଐତିହାସିକ ଜମାଅତୀୟ ଖବରକାଗଜର ଗୋଟିଏ ଖଣ୍ଡ ପହଞ୍ଚୁ ।

ଏହି ନିର୍ଦ୍ଦେଶାବଳୀର ଅନୁପାଳନରେ ଉଲ୍ଲେଖ କରାଯାଉଛି ଯେ-

(କ) କାଦିୟାନ ଓ ଭାରତର ସମସ୍ତ କେନ୍ଦ୍ରୀୟ ଓ ସ୍ଥାନୀୟ ସ୍ତରର ସମସ୍ତ ମସଜିଦ୍‌ଗୁଡ଼ିକ ଏବଂ ନମାଜ ସେଣ୍ଟରଗୁଡ଼ିକରେ ନିର୍ଦ୍ଦେଶାବଳୀ ଅନୁଯାୟୀ ପାଞ୍ଚବେଳାର ନମାଜରେ ସଂପୂର୍ଣ୍ଣ ଉପସ୍ଥିତି ନିମନ୍ତେ ସମସ୍ତ

କେନ୍ଦ୍ରୀୟ, ସ୍ଥାନୀୟ ଓ ଅନ୍ତଃ ବିଭାଗଗୁଡ଼ିକର ଅଧିକାରୀମାନଙ୍କ ଦ୍ୱାରା (ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ) କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । ଏହିପରି ଫଜର୍ ନମାଜ ଓ ଅସର୍ ନମାଜ ପରେ ପବିତ୍ର କୁରଆନ ଓ ହଦିସ୍‌ର ଦରସ୍ ମଧ୍ୟ ସମସ୍ତ ମସଜିଦ୍‌ଗୁଡ଼ିକରେ ଏବଂ ନମାଜ ସେଣ୍ଟରଗୁଡ଼ିକରେ ବିଶେଷ ରୂପେ ଆୟୋଜନ କରନ୍ତୁ । ସେହି ଅବସରରେ ପୂର୍ଣ୍ଣ ଉପସ୍ଥିତି ନିମନ୍ତେ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

(ଖ) ପ୍ରତ୍ୟେକ ଜୁମା ଅବସରରେ ଉପସ୍ଥିତ ଖଲିଫାଙ୍କ ଖୁତ୍‌ବାର ସିଧାପ୍ରସାରଣ ଏହିପରି ଦୁଇଗୋଟି ଈଦ୍ ଏବଂ ବିଭିନ୍ନ ଦେଶଗୁଡ଼ିକର ଜଲ୍‌ସା ଏବଂ ଅନ୍ତଃ ବିଭାଗଗୁଡ଼ିକର ଇଜ୍‌ତେମାଗୁଡ଼ିକ ଅବସରର ଉପଦେଶଗୁଡ଼ିକ ଜମାଅତର ଲୋକମାନଙ୍କୁ ସାମୂହିକ ସ୍ତରରେ ଦେଖାଇବା ନିମନ୍ତେ ଭାରତର ସମସ୍ତ ଜମାଅତଗୁଡ଼ିକରେ କେନ୍ଦ୍ରୀୟ ଓ ସ୍ଥାନୀୟ ମସଜିଦ୍/ନମାଜ ସେଣ୍ଟରଗୁଡ଼ିକରେ ଏମ.ଟି.ଏ ବ୍ୟବସ୍ଥା କରାନ୍ତୁ । ଏପରି ସମସ୍ତ ଅବସରରେ ବିଶେଷ ରୂପେ କାଦିୟାନରେ ନିଜ ନିଜ ସାହି ମସଜିଦ୍‌ଗୁଡ଼ିକରେ ସେହି ଅଞ୍ଚଳରେ ବାସ କରୁଥିବା ସମସ୍ତ କେନ୍ଦ୍ରୀୟ ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀମାନେ ଜମାଅତୀ ଏବଂ ଅନ୍ତଃ ବିଭାଗଗୁଡ଼ିକର ଓହଦେଦାରାନ୍ ନିଜ ପିଲାମାନଙ୍କ ସହିତ ଜୁମାର ଅଭିଭାଷଣ ଶୁଣିବା ନିମନ୍ତେ ସର୍ବପ୍ରଥମେ ନିଜେ ଉପସ୍ଥିତ ରୁହନ୍ତୁ । ସେହି ଅସବସରରେ ଉପସ୍ଥିତ ନରହୁଥିବା ସମସ୍ତ ଲୋକମାନଙ୍କର ସ୍ଥାନୀୟ ଅଧିକାରୀମାନେ ଏକ ଗୋପନୀୟ ତାଲିକା ପ୍ରସ୍ତୁତ କରନ୍ତୁ, ଆଉ ପରବର୍ତ୍ତୀ ସମୟରେ ଏପରି ଲୋକମାନଙ୍କର ଧ୍ୟାନ ଆକର୍ଷିତ କରାନ୍ତୁ ତଥା ସେମାନଙ୍କ ସଂଶୋଧନ ନିମନ୍ତେ ସ୍ଥାନୀୟ ଅଧିକାରୀମାନେ ଏବଂ ସଂଶୋଧନ କମିଟିଗୁଡ଼ିକ ମିଳିତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

(ଗ) ସାପ୍ତାହିକ ଖବରକାଗଜର ବିଭିନ୍ନ ସ୍ଥାନୀୟ ଭାଷାରେ ସଂସ୍କରଣ ଭାରତର ପ୍ରତ୍ୟେକ ଜମାଅତର ଘରଗୁଡ଼ିକରେ ପହଞ୍ଚାଇବା

ନିମନ୍ତେ ପୂର୍ଣ୍ଣ ପ୍ରୟାସ ଆରମ୍ଭ କରନ୍ତୁ ଏବଂ ଏପରି ଅନ୍ୟ ସ୍ଥାନୀୟ ଭାଷାମାନ ଯେଉଁଥିରେ ବଦର୍‌ର ସଂସ୍କରଣ ଜାରି କରିବାର ଯଥେଷ୍ଟ ଆବଶ୍ୟକତା ମନେହୁଏ ସେହି ଭାଷାଗୁଡ଼ିକରେ ମଧ୍ୟ ବଦର୍ ସଂସ୍କରଣ ଜାରି କରାଇବା ସଂମ୍ପର୍କରେ ବିଧି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।

✶ ଉପରୋକ୍ତ ସମସ୍ତ ନିର୍ଦ୍ଦେଶାବଳୀ କାଦିୟାନ ଏବଂ ଭାରତର ଅନ୍ୟ ସମସ୍ତ ଜମାଅତଗୁଡ଼ିକୁ ସତର୍କତା ପୂର୍ବକ ସର୍କୁଲର କରାଇ ଦିଅନ୍ତୁ ଯେ, ଏହି ସମସ୍ତ ନିର୍ଦ୍ଦେଶାବଳୀ ଆଗକୁ ସାହିଗୁଡ଼ିକରେ ମଧ୍ୟ ଜମାଅତୀ ଓ ଅନ୍ତଃ ବିଭାଗଗୁଡ଼ିକର ବ୍ୟବସ୍ଥା ମାଧ୍ୟମରେ ସର୍କୁଲର କରାଇ ଦିଆଯାଉ ଏବଂ ସେଗୁଡ଼ିକ ଅନୁଯାୟୀ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରାଇ ଦିଆଯାଉ । ଅଧିକନ୍ତୁ ଏହିକି ଯେ, ଉପରୋକ୍ତ ସମସ୍ତ ବିଷୟଗୁଡ଼ିକ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମାସିକ ବିବରଣୀ ଦେବା ନିମନ୍ତେ ଭବିଷ୍ୟତରେ ନିଜ ଅଞ୍ଚଳ, ମସଜିଦ୍ ଓ ଜମାଅତ ସ୍ତରର ମାସିକ ବିବରଣୀଗୁଡ଼ିକରେ ଗୋଟିଏ ପରେ ଗୋଟିଏ ସ୍ତମ୍ଭର ବୃଦ୍ଧି କରାଇ ଚାଲିବେ ଏବଂ ସମସ୍ତ ସମ୍ପୃକ୍ତ ଓ୍ବହଦେଦାରାନ୍ ସେହି ବିଷୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ପ୍ରତ୍ୟେକ ମାସ ନିଜ ରିପୋର୍ଟଗୁଡ଼ିକରେ ନିଜ କାର୍ଯ୍ୟକାରୀତାର ବିବରଣୀ ଉଲ୍ଲେଖ କରନ୍ତୁ ।

ଏହିପରି ଉପର ଚର୍ଚ୍ଚିତ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ସ୍ଥାନୀୟ ସ୍ତରରେ ଅଧିକାରୀମାନଙ୍କର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅର୍ଥ ଏହା କଦାପି ନୁହେଁ କି କ୍ଷେତ୍ରରୁ ଉଚ୍ଚସ୍ତରର ସମସ୍ତ ଜମାଅତୀ ଏବଂ ଅନ୍ତଃ ବିଭାଗଗୁଡ଼ିକର ଅଧିକାରୀମାନଙ୍କର ଉଲ୍ଲେଖିତ କାର୍ଯ୍ୟଗୁଡ଼ିକ ସମ୍ପର୍କରେ କୌଣସି ଦାୟିତ୍ୱ ନାହିଁ । ଶେଷ ଦାୟିତ୍ୱ ସାହି ଠାରୁ ଆରମ୍ଭ କରି ଉଚ୍ଚ ସ୍ତରର ଭାରପ୍ରାପ୍ତ ଅଧିକାରୀମାନଙ୍କର ହିଁ ଅଟେ । ତେଣୁ ଏମାନେ ସମସ୍ତେ ନିଜ ନିଜ ଦାୟିତ୍ୱ ନିର୍ବାହ କରନ୍ତୁ ଏବଂ ପୂର୍ଣ୍ଣ ନିରୀକ୍ଷଣ କରନ୍ତୁ । ଭାରତର ଜମାଅତଗୁଡ଼ିକରେ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ବ୍ୟବସ୍ଥାଗୁଡ଼ିକ ତଥା କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ କରାଇବାର ମୌଳିକ ଦାୟିତ୍ୱ

ସଦର/ଅମିର୍ ଜମାଅତ୍ ଏବଂ ପ୍ରତ୍ୟେକ ତିନୋଟି ବିଭାଗଗୁଡ଼ିକର ସ୍ଥାନୀୟ କାଏଦ, ଜଈମ୍ ଅନ୍‌ସାରୁଲ୍ଲାଃ, ସଦର୍ ଲଜ୍‌ନାଙ୍କର ଅଟେ । ଏହିପରି କାଦିୟାନ୍‌ରେ ସ୍ଥାନୀୟ ଅମିର୍ ଓ ତିନିଗୋଟି ଅନ୍ତଃ ବିଭାଗର ସଦର୍‌ମାନେ ନିଜ ନିଜ ପରିସର ମଧ୍ୟରେ ଉତ୍ତରଦାୟୀ । ସେ ଯାହା ହେଉ ଉପରୋକ୍ତ କାର୍ଯ୍ୟାବଳୀ ପ୍ରସଙ୍ଗରେ ସକାରାତ୍ମକ ଫଳାଫଳ ସେହି ସମୟରେ ଉଦ୍ଧୃତ ହେବା ଆରମ୍ଭ ହେବ ଯେତେବେଳେ ନିମ୍ନ ସ୍ତରରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ସମସ୍ତ ଅନ୍ତଃବିଭାଗ ଓ ଜମାଅତୀ ଅଧିକାରୀମାନେ ଦୁଆ କରିବା ସହିତ ନିଜର ଓ ନିଜ ପିଲାମାନଙ୍କର ନମୁନା ଉପସ୍ଥାପନ କରି ସେହି ସମ୍ପର୍କରେ ଅସାଧାରଣ ରୂପେ କାର୍ଯ୍ୟ କରିବେ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏଥିନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

(ଦ୍ରଷ୍ଟବ୍ୟ- WTT-8420/12.8.2015)

ତେଣୁ ଚର୍ଚ୍ଚିତ ନୀତିଗତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଗୋଟିଏ କେନ୍ଦ୍ରୀୟ କମିଟି ସହ ପରାମର୍ଶ କରି ଚର୍ଚ୍ଚିତ ନିର୍ଦ୍ଦେଶାବଳୀଗୁଡ଼ିକ ତାଲିକାଭୁକ୍ତ କରି ପ୍ରତ୍ୟେକ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଲାହେ ଅମଲ୍ (କାର୍ଯ୍ୟସୂଚୀ) ମଧ୍ୟ ପ୍ରସ୍ତୁତ କରନ୍ତୁ ଏବଂ ପ୍ରତ୍ୟେକ ଜିଲାଈ ଅମିର୍, ସ୍ଥାନୀୟ ଅମିର୍ ତଥା ସଦର୍ ଜମାତ ତଥା ମୁବଲ୍ଲିଗ୍‌ମାନଙ୍କୁ ୨୦୧୫ମସିହା ଅଗଷ୍ଟ ମାସରେ ସର୍କୁଲର ପଠାଇ ଦିଆ ଯାଇଥିଲା ।

ଏହି ପରାମର୍ଶ ଏବଂ ଲାହେ ଅମଲ୍‌ର ବିବରଣୀ ହୁଜୁର ଅନଓ୍ୱର [ଅ.ବ]ଙ୍କ ସମ୍ମୁଖରେ ଉପସ୍ଥାପିତ ହେବା ପରେ ହୁଜୁର ଅନଓ୍ୱର[ଅ.ବ] ନିର୍ଦ୍ଦେଶ ଦେଇଥିଲେ ଯେ-

"ଠିକ୍ ଅଛି ଯେଉଁ ନିର୍ଦ୍ଦେଶାବଳୀ ପଠାଯାଇ ଅଛି ସେଥି ଅନୁଯାୟୀ ତୁରନ୍ତ କାର୍ଯ୍ୟକାରୀ କରିବା ଆରମ୍ଭ କରାନ୍ତୁ । ଅଲ୍ଲାଃତାଲା ଆପଣ ସମସ୍ତ କର୍ମକର୍ତ୍ତାମାନଙ୍କୁ ନିଜ ନିଜର ଦାୟିତ୍ୱଗୁଡ଼ିକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ପାଦେ ପାଦେ

ଆପଣମାନଙ୍କର ସହାୟତା କରନ୍ତୁ । ଆମିନ୍ ।”

(ଦ୍ରଷ୍ଟବ୍ୟ- WTT-8587/18.8.2015)

ଚର୍ଚ୍ଚିତ ଚାରୋଟିଯାକ ନୀତିମୂଳକ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟକାରୀ କରିବା ଓ ସେଗୁଡ଼ିକରୁ ମନଲାଖି ଫଳାଫଳ ପ୍ରାପ୍ତ କରିବା ନିମନ୍ତେ ନଜାରତ୍ ଉଲିୟାର ମାସିକ ରିପୋର୍ଟ ଫର୍ମରେ ଏଥିନିମନ୍ତେ ଏକ ପୃଥକ ସ୍ତମ୍ଭ ଅଧିକ ସ୍ଥାନିତ କରାଯାଇଛି । ଯାହାକି ନମୁନା ସ୍ୱରୂପ ଶେଷ ପୃଷ୍ଠା ଅର୍ଥାତ (ପୃଷ୍ଠା- ୪୦)ରେ ଦରଜ କରାଯାଇଅଛି ।

ପୁନଶ୍ଚ ଭାରତ ବର୍ଷର ଜମାଅତଗୁଡ଼ିକରେ ବୃଦ୍ଧି ପାଉଥିବା ତରବିୟତୀ ସମସ୍ୟାଗୁଡ଼ିକୁ ସଠିକ୍ ସମୟରେ ସମାଧାନ କରିବା ନିମନ୍ତେ ହୁଜୁର ଅନଓ୍ୱର[ଅ.ବ] କାଦିୟାନ୍‌ରେ ଏକ କେନ୍ଦ୍ରୀୟ ସୁଧାର କମିଟି ଗଠନ କରିଛନ୍ତି । ଯାହାର ସଦର୍ (ସଭାପତି) ନାଜିର୍ ଆଲା କାଦିୟାନ୍‌ଙ୍କୁ ଏବଂ ସେକ୍ରେଟାରୀ (ସଚିବ) ନାଜିର୍ ସାହେବ ଇସ୍‌ଲାହ ଓ ଇରଶାଦ୍ (ସୁଧାର ଓ ମାର୍ଗଦର୍ଶକ) ମର୍କଜୀୟାଙ୍କୁ ନିଯୁକ୍ତ କରିଛନ୍ତି ଏବଂ ଭାରତର ସମସ୍ତ ଜମାଅତଗୁଡ଼ିକରେ ମଧ୍ୟ ନିମ୍ନ ଲିଖିତ ବିବରଣୀ ଅନୁଯାୟୀ ସଂଶୋଧନ କମିଟିଗୁଡ଼ିକ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

| କ୍ରମିକ ସଂଖ୍ୟା | ପଦବୀ | ହଲ୍‌କା(ସାହି) | ସ୍ଥାନୀୟ ଜମାଅତ ସ୍ତରରେ |
|---|---|---|---|
| ୧ | ସଭାପତି ସଂଶୋଧନ କମିଟି | ସାହି ସଦର୍ | ସ୍ଥାନୀୟ ସଦର୍/ଅମିର୍ ଜମାଅତ |
| ୨ | ସଂଶୋଧନ କମିଟି ସଚିବ | ସାହି ଇସ୍‌ଲାହ ଓ ଇରଶାଦ୍ ସଚିବ | ସ୍ଥାନୀୟ ଇସ୍‌ଲାହ ଓ ଇରଶାଦ୍ ସଚିବ |
| ୩ | ସଦସ୍ୟ | ସାହି ଉମୁରେ ଆମା ସଚିବ | ସ୍ଥାନୀୟ ଉମୁରେ ଆମା ସଚିବ |

| | | | |
|---|---|---|---|
| ୪ | ସଦସ୍ୟ | ସାହି ଖୁଦ୍ଦାମୁଲ୍ ଅହେମଦିୟା ଜଇମ୍ | ସ୍ଥାନୀୟ ଖୁଦ୍ଦାମୁଲ୍ ଅହେମଦିୟା ଜଇମ୍ |
| ୫ | ସଦସ୍ୟ | ସାହିର ଜଇମ୍ ଅନ୍‌ସାରୁଲ୍ଲାଃ | ସ୍ଥାନୀୟ ଅଧିକ୍ଷକ ଜଇମ୍ ଅନ୍‌ସାରୁଲ୍ଲାଃ |
| ୬ | ସଦସ୍ୟ | ସାହିର ସଦର୍ ଲଜ୍‌ନା | ସ୍ଥାନୀୟ ସଦର୍ ଲଜ୍‌ନା |
| ୭ | ସଦସ୍ୟ | ସାହିର ମୁବଲ୍ଲିଗ/ମୁଅଲ୍ଲିମ୍ | ସ୍ଥାନୀୟ ମୁବଲ୍ଲିଗ୍ |

(ଦ୍ରଷ୍ଟବ୍ୟ- WTT-226/11.11.2015)

ସୁଧାର କମିଟିଗୁଡ଼ିକ ପ୍ରତ୍ୟେକ ମାସରେ ନିୟମିତ ରୂପେ ମିଟିଙ୍ଗ୍ କରିବା ଏବଂ ରିପୋର୍ଟ ଦେବା ନିମନ୍ତେ ମହାମହିମ ହୁଜୁର ଅନଓ୍ୱର ଅ.ବ.ଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟକାରୀ କରିବା ସଂକ୍ରାନ୍ତରେ କେନ୍ଦ୍ରୀୟ ସଂଶୋଧନ କମିଟି ଗୋଟିଏ ଫର୍ମ ପ୍ରସ୍ତୁତ କରି ଅନୁମତି ହାସଲ କରି ନେଇଛି । ଯାହା ପରବର୍ତ୍ତୀ (ପୃଷ୍ଠା -୪୧)ରେ ଉଲ୍ଲେଖ ରହିଛି । ହିନ୍ଦୀ ଓ ଇଂରାଜୀରେ ମଧ୍ୟ ଉକ୍ତ ଫର୍ମଟି ଅନୁବାଦ କରାଇ ପ୍ରେରଣ କରାଯାଇଛି ।

ସମ୍ପ୍ରତି କେବଳ କାର୍ଯ୍ୟକାରୀ କରିବା ଏବଂ କରାଇବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ସମସ୍ତ ପଦାଧିକାରୀମାନଙ୍କୁ ନିଜ କୃପାଶିଷ ଦ୍ୱାରା ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

❋❋❋ ❋❋❋ ❋❋❋ ❋❋❋

## (ସଦର୍/ଅମିର୍ ଜମାଅତଙ୍କ ମାସିକ କାର୍ଯ୍ୟକାରୀତାର ରିପୋର୍ଟ ପୃ-୪)

ମହାମହିମ ହୁଜୁର ଅନଓ୍ୱର [ଅ.ବ]ଙ୍କ ଚାରି ଗୋଟି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ପରିପ୍ରେକ୍ଷୀରେ ରିପୋର୍ଟର ବିଶେଷ ସ୍ତମ୍ଭ-

| କ୍ରମିକ ସଂଖ୍ୟା | ବିବରଣୀ | ରିପୋର୍ଟ | ଅବସ୍ଥା |
|---|---|---|---|
| ୧ | କ'ଣ ସମସ୍ତ ଜମାଅତୀୟ କର୍ମକର୍ତ୍ତା ଓ ସେମାନଙ୍କ ପିଲାମାନେ ଯାହାଙ୍କ ଉପରେ ନମାଜ ଅନିବାର୍ଯ୍ୟ ହୋଇଗଲାଣି ସେମାନଙ୍କର ତାଲିକା ପ୍ରସ୍ତୁତ କରି ନେଇଛନ୍ତି । | | |
| ୨ | କ'ଣ ଏଥିମୁତାବକ ସାମୂହିକ ନମାଜ ଓ ଦରସୁଲ୍ କୁରଆନ୍/ହଦିସ୍/ମଲଫୁଜାତ୍‌ରେ ସେମାନଙ୍କ ଉପସ୍ଥିତିର ତତ୍ତ୍ୱାବଧାନ କରାଯାଉଛି । | | |
| କ. | କେତେ ଜଣ କର୍ମକର୍ତ୍ତା ଓ ସେମାନଙ୍କ ପିଲାମାନେ ନିୟମାନୁବର୍ତ୍ତୀ ହୋଇଯାଇଛନ୍ତି ? କ୍ରମିକ ସଂଖ୍ୟା-୧ , ୨ | | |
| ଖ. | କେତେ ଜଣ କର୍ମକର୍ତ୍ତା ଓ ସେମାନଙ୍କ ପିଲାମାନେ ଅବହେଳା ପ୍ରଦର୍ଶନ କରୁଛନ୍ତି ? କ୍ରମିକ ସଂଖ୍ୟା-୧ , ୨ | | |
| ଘ. | ଅନ୍ୟ ସଦସ୍ୟବୃନ୍ଦଙ୍କ ମଧ୍ୟରୁ କେତେ ଜଣ ଉପସ୍ଥିତି ହେଉଛନ୍ତି ? କ୍ରମିକ ସଂଖ୍ୟା-୧ , ୨ | | |
| ୩ | କ'ଣ ମହାମହିମ ହୁଜୁର ଅନଓ୍ୱର [ଅ.ବ]ଙ୍କ ଖୁତ୍‌ବା ଜୁମା ଓ ଅନ୍ୟାନ୍ୟ ଅଭିଭାଷଣର ସିଧାପ୍ରସାରଣ ଶୁଣିବା ଓ ଶୁଣାଇବାର ବ୍ୟବସ୍ଥା ରହିଛି ? | | |
| କ. | ମସଜିଦ୍/ନମାଜ ସେଣ୍ଟର୍‌ମାନଙ୍କରେ କେତେ ଜଣ କର୍ମକର୍ତ୍ତା ଓ ସେମାନଙ୍କ ପିଲାମାନେ ପ୍ରିୟ ହୁଜୁର ଅନଓ୍ୱର [ଅ.ବ]ଙ୍କ ଖୁତ୍‌ବା ଜୁମା ଶୁଣୁଛନ୍ତି ? କ୍ରମିକ ସଂଖ୍ୟା-୩ | | |
| ଖ. | ଅନ୍ୟ ସଦସ୍ୟବୃନ୍ଦଙ୍କ ମଧ୍ୟରେ କେତେ ଜଣ ଏକତ୍ରୀତ ହୋଇ ଖୁତ୍‌ବା ଜୁମା ଶୁଣୁଛନ୍ତି ? କ୍ରମିକ ସଂଖ୍ୟା-୩ | | |

| | | | |
|---|---|---|---|
| ୪ | ଜମାଅତର କେତେ ଗୋଟି ଘର ବଦର୍ ପତ୍ରିକା ମଗାଉଛନ୍ତି ? | | |
| କ. | ବାକି ଘରମାନଙ୍କରେ ବଦର ପତ୍ରିକା ଜାରି କରିବା ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ? | | |

## ସୁଧାର କମିଟି ନିମନ୍ତେ ରିପୋର୍ଟ ଫର୍ମ

ଜମାଅତର ନାମ: ଜମାଅତର ମୋଟ ସଦସ୍ୟବୃନ୍ଦ:

ରିପୋର୍ଟ ସମୟକାଳ:

**ନୋଟ୍‌- ସୁଧାର କମିଟିରେ ନିମ୍ନ ଲିଖିତ ପ୍ରସଙ୍ଗ ସେକ୍ରେଟାରୀ** ଇସଲାହ୍ ଓ ଇରଶାଦ୍**, ସେକ୍ରେଟାରୀ** ଉମୁରେ ଆମା**,** କାଏଦ୍ ଖୁଦ୍ଦାମୁଲ୍ ଅହେମଦିୟା**,** ଜଈମ୍ ଅନ୍‌ସାରୁଲ୍ଲାଃ**,** ସଦର୍ ଲଜ୍‌ନା ଇମାଇଲ୍ଲାଃଙ୍କ **ନିକଟରୁ ଆସିଲା ଯେ, ଅମକ** ଖୁଦ୍ଦାମ୍**,** ଅତଫାଲ୍**,** ଅନସାର୍ ଓ ଲଜ୍‌ନା **ଠାରେ ଏହି ତ୍ରୁଟି ରହିଛି ।**

| | | |
|---|---|---|
| ନମାଜ | ନମାଜ ପାଠ ନକରୁଥିବା ସଦସ୍ୟଙ୍କ ସଂଖ୍ୟା .....<br>ନମାଜ ପାଠ ନକରୁଥିବା କେତେ ଜଣଙ୍କ ସହିତ ସାକ୍ଷାତ କଲେ ? ......<br>ନମାଜ ଜୁମା ନମାଜ ପାଠ ନକରୁଥିବା ସଦସ୍ୟଙ୍କ ସଂଖ୍ୟା .....<br>ଜୁମା ନମାଜ ପାଠ ନକରୁଥିବା କେତେ ସଦସ୍ୟଙ୍କ ସହିତ ସାକ୍ଷାତ କଲେ ? ......<br>ଏହି ଦିଗରେ କରିଥିବା ପ୍ରଚେଷ୍ଟାର ପରିଣାମ ......... | |
| ଖୁତ୍‌ବା ଜୁମାର ସିଧା ପ୍ରସାରଣ ଓ ଜଲ୍‌ସା (ସଭା) | ମସଜିଦ୍‌କୁ ଆସି ଖୁତ୍‌ବା ଜୁମା ଶୁଣୁଥିବା ସଦସ୍ୟଙ୍କ ସଂଖ୍ୟା .....<br>କେତେ ଜଣ ସଦସ୍ୟଙ୍କ ସହିତ ଯୋଗାଯୋଗ କଲେ ?......<br>ଜୁମା ନମାଜ ପାଠ ନକରୁଥିବା ସଦସ୍ୟଙ୍କ ସଂଖ୍ୟା ...<br>ଜଲ୍‌ସାମାନମାନଙ୍କରେ ଯୋଗ ନଦେଉଥିବା ସଦସ୍ୟଙ୍କ ସଂଖ୍ୟା .....<br>ଏହି ଦିଗରେ କରାଯାଇଥିବା ଉଦ୍ୟମର ପରିଣାମ...... | |

| | | |
|---|---|---|
| ବିବାଦ | ମୋଟ ବିବାଦର ସଂଖ୍ୟା .....<br>ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବିବାଦୀୟ ମାମଲା .........<br>ସମ୍ପତ୍ତି ଲେଣଦେଣର ମାମଲା ......<br>ପାରସ୍ପରିକ ଝଗଡା ........<br>ପରସ୍ପର ଉପରେ କରିଥିବା ମକଦ୍ଦମାର ସଂଖ୍ୟା .....<br>କେତେ ସଂଖ୍ୟକ ସଦସ୍ୟବୃନ୍ଦ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି .....<br>ଏହି ଦିଗରେ କରାଯାଇଥିବା ସୁଧାର ମୂଳକ ପଦକ୍ଷେପର ପରିଣାମ .......... | |
| ରିସ୍ତାନାତା (ବନ୍ଧୁଘର) | କେତେଜଣ (ଯୁବକ ଯୁବତୀ) ଅଣଅହେମଦିଙ୍କ ସହିତ ବିବାହ କଲେ ? .....<br>କେତେଜଣ ଏଥିପ୍ରତି ଇଚ୍ଛୁକ ଅଛନ୍ତି (ରିପୋର୍ଟ ସହିତ) ? .....<br>ବୁଝାସୁଝା କରିବା ଫଳରେ ପରିଣାମ .......... | |
| ବିବିଧ ପ୍ରସଙ୍ଗ | କର୍ମକର୍ତ୍ତା ଓ ମୁବଲ୍ଲିଗ୍/ମୁଅଲ୍ଲିମ୍‌ମାନଙ୍କର ଆପୋସରେ କିପରି ସମ୍ପର୍କ ?<br>କର୍ମକର୍ତ୍ତାଙ୍କର ଆପୋସରେ କିପରି ସମ୍ପର୍କ ? ....<br>ପର୍ଦା ନକରୁଥିବା ମହିଳାମାନଙ୍କ ସଂଖ୍ୟା........<br>ଇଣ୍ଟରନେଟ୍‌ର ଅପବ୍ୟବହାର କରୁଥିବା (ସଦସ୍ୟଙ୍କ) ସଂଖ୍ୟା.....<br>ଖରାପ ସାଙ୍ଗସାଥୀମାନଙ୍କ ସହିତ ସମ୍ପର୍କ ରଖୁଥିବା (ସଦସ୍ୟଙ୍କ) ସଂଖ୍ୟା.......<br>ମାଦକ ଦ୍ରବ୍ୟର ଅଭ୍ୟସ୍ତ (ସଦସ୍ୟଙ୍କ) ସଂଖ୍ୟା .......<br>ଏସମସ୍ତ ପ୍ରସଙ୍ଗରେ ସୁଧାର ମୂଳକ ପ୍ରୟାସର ପରିଣାମ | |

ଆଲୋଚିତ ପ୍ରସଙ୍ଗର ରିପୋର୍ଟ-

ସୁଧାର କମିଟି ସଦର୍‌ଙ୍କ ନାମ-

ମୋହର ଓ ତାରିଖ ସହିତ ଦସ୍ତଖତ-

ମୋବାଇଲ୍ ନଂ.- ଇମେଲ୍ ଆଡ଼ି-

ସମ୍ପୂର୍ଣ୍ଣ ଠିକଣା- ପିନ୍ ନଂ.-